# ଅ ଆ କ ଖ...

'ମୋ ସ୍କୁଲ୍' ହାଲଚାଲ

'ମୋ ସ୍କୁଲ୍' ଅଭିଯାନ ସୂଚନାପତ୍ର ॥ ଅଗଷ୍ଟ ୨୦୨୩



ମୋ 'ସ୍କୁଲ୍'
ଶିକ୍ଷାକର୍ମିଙ୍କା 'ଅ' ଏବେ ଦାନକୁଛି 'ଆ'

୫୦ ହଜାରରୁ ଊର୍ଦ୍ଧ୍ୱ ସ୍କୁଲକୁ ସହଯୋଗ

ପ୍ରୋଜେକ୍ଟ ସଂଖ୍ୟା: ୧,୫୬,୯୦୭

୫୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ

ଲକ୍ଷ୍ୟ: ୫୪,୬୭୪ ସ୍କୁଲ

ସହଯୋଗ ଦେଇଛନ୍ତି: ୩୦ ଲକ୍ଷରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ

'ମୋ ସ୍କୁଲ୍' ଆପ୍

SCAN ME — Android

SCAN ME — iOS



"ପିଲାମାନେ, ବଡ଼ ସ୍ୱପ୍ନ ଦେଖ। ଜୀବନର ଘାତ ପ୍ରତିଘାତକୁ ଆତ୍ମବିଶ୍ୱାସର ସହିତ ସାମ୍ନା କର। ପ୍ରତିଭାର ବିକାଶ ପାଇଁ ସ୍କୁଲ୍ ହେଉଛି ପ୍ରଥମ ପାହାଚ। ସ୍କୁଲ୍‌ରୁ ତିଆରି ହୁଏ ଦେଶର ଭବିଷ୍ୟତ। ମାତୃଭୂମି ଓ ମାତାପିତାଙ୍କ ପରେ ସ୍କୁଲ୍ ହେଉଛି ଆମର ସବୁଠୁ ବଡ଼ ପରିଚୟ। ପିଲାମାନେ, ଭଲ ପାଠ ପଢ଼, ଭଲ ମଣିଷ ହୁଅ ଏବଂ ଏହି ପରିଚୟକୁ ରାଜ୍ୟର ଗୌରବରେ ପରିଣତ କର।"

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ, ଓଡ଼ିଶା



# ମୋ' ବସ୍ତାନିରୁ

ସୁସ୍ମିତା ବାଗ୍‌ଚୀ

ଗତ ଜୁଲାଇ ମାସରେ ଭାରତର ରାଷ୍ଟ୍ରପତି ମହାମହିମ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହିତ ଏକ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ମୋ ସ୍ୱାମୀ ସୁବ୍ରତ ଓ ମୋ ନିକଟକୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ନିମନ୍ତ୍ରଣ ଆସିଥିଲା। ଏଭଳି ଗୋଟିଏ ନିମନ୍ତ୍ରଣ ଆମ ପାଇଁ ବିରାଟ ସୌଭାଗ୍ୟର ବିଷୟ। ବିଶେଷ କରି ମୋ ପାଇଁ। ମୁଁ ପୂର୍ବରୁ କେବେହେଲେ ରାଷ୍ଟ୍ରପତି ଭବନର ପରିସରରେ ପାଦ ଦେଇ ନ ଥିଲି। ସେଇ ସୁଯୋଗ, ପୁଣି ଆମ ଦେଶର ଦ୍ୱିତୀୟ ମହିଳା ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ଯିଏ କି ଓଡ଼ିଶାରେ ଜନ୍ମ ହୋଇ ବଢ଼ିଛନ୍ତି – ମୋ ମନ ଆନନ୍ଦରେ ଭରିଯାଇଥିଲା। ଅନ୍ୟ ଗୋଟିଏ କଥା ମଧ୍ୟ ମୋ ମନକୁ ଆସିଲା। ଭାରତର ୭୬ ବର୍ଷର ଇତିହାସରେ ଶ୍ରୀମତୀ ମୁର୍ମୁ ହେଉଛନ୍ତି ଅନୁସୂଚିତ ଜନଜାତିର ପ୍ରଥମ ସଦସ୍ୟ ଯିଏ ଦେଶର ସର୍ବୋଚ୍ଚ ପଦ ମଣ୍ଡନ କରିଛନ୍ତି।

ସାକ୍ଷାତକାରର ନିର୍ଦ୍ଧାରିତ ତାରିଖ ଥିଲା ଜୁଲାଇ ଦଶ। ସମୟାନୁସାରେ ଆମେ ରାଷ୍ଟ୍ରପତି ଭବନରେ ପହଞ୍ଚି ଯାଇଥିଲୁ ଏବଂ ଆମକୁ ଜଣେ କର୍ମକର୍ତ୍ତା ରାଷ୍ଟ୍ରପତିଙ୍କ ନିକଟକୁ ନେଇଯାଇଥିଲେ। ଏହି ସାକ୍ଷାତକାର ମୋତେ ଗଭୀର ଭାବରେ ସ୍ପର୍ଶ କରିଥିଲା। ଶ୍ରୀମତୀ ମୁର୍ମୁଙ୍କର ଜ୍ଞାନ, ତାଙ୍କର ଅନନ୍ୟ ଚିନ୍ତାଧାରା, ତାଙ୍କର ସହଜ ସରଳ କଥା ଏବଂ ବିଶେଷ କରି ତାଙ୍କର ମାନବୀୟତା ଦେଖି ମୁଁ ମୁଗ୍ଧ ହୋଇଯାଇଥିଲି। ତାଙ୍କର ଜୀବନ କାହାଣୀ ସମସ୍ତେ ଜାଣନ୍ତି। ଦରିଦ୍ର ଆଦିବାସୀ ପରିବାରରେ ଜନ୍ମ ହୋଇ କଠିନ ପରିଶ୍ରମର ସହିତ ସେ ନିଜର ଶିକ୍ଷା ଶେଷ କରିଥିଲେ। ଜୀବନର ବହୁ ବାଧାବିଘ୍ନ ସତ୍ତ୍ୱେ ସେ ଦେଶସେବା ପାଇଁ ଆଗେଇ ଯାଇଥିଲେ। ନିଜର ସ୍ୱାମୀ ଓ ପୁତ୍ରଙ୍କୁ ହରାଇବା ସତ୍ତ୍ୱେ ସେ ଲକ୍ଷ୍ୟ ସାଧନରୁ ବିଚ୍ୟୁତ ହୋଇ ନ ଥିଲେ। ପରବର୍ତ୍ତୀ କାଳରେ ସେ ହୋଇଥିଲେ ଝାଡ଼ଖଣ୍ଡର ରାଜ୍ୟପାଳ ଏବଂ ବର୍ତ୍ତମାନ ଆମ ଦେଶର ରାଷ୍ଟ୍ରପତି। ଶ୍ରୀମତୀ ମୁର୍ମୁ କେବଳ ମୋ ପାଇଁ ନୁହଁ, ସମସ୍ତଙ୍କ ପାଇଁ ଜଣେ ପ୍ରେରଣାଦାୟୀ ମହିଳା।

ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ଗଣନା କରିଲେ ଓଡ଼ିଶାର ସ୍ଥାନ ଦ୍ୱିତୀୟ। ଗୌରବର କଥା, ଆମ ରାଜ୍ୟରେ ୬୨ଟି ଭିନ୍ନ ଭିନ୍ନ ଜନଜାତି ରହିଛନ୍ତି। ଓଡ଼ିଶାର ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟା ସମୁଦାୟ ଜନସଂଖ୍ୟାର ଶତକଡ଼ା ଚାଳିଶ ଭାଗ। କିନ୍ତୁ ଇତିହାସ ସାକ୍ଷୀ, ଏହି ସମ୍ପ୍ରଦାୟମାନଙ୍କୁ ଆଗେଇ ଯିବା ପାଇଁ, ନିଜ ସାମର୍ଥ୍ୟକୁ ରୂପ ଦେବା ପାଇଁ ଯୁଗ ଯୁଗ ଧରି ସୁଯୋଗ ମିଳି ନାହିଁ।

ଏବେ ସମୟ ବଦଳିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ନେତୃତ୍ୱରେ ଏହି ସମ୍ପ୍ରଦାୟମାନଙ୍କୁ କେବଳ ଯେ ଆଗେଇ ଯିବାର ସୁଯୋଗ ଏବେ ଦିଆଯାଉଛି, ତାହା ନୁହଁ। ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ କିଭଳି ପରିପ୍ରକାଶ କରି ହେବ, ସେଥିପାଇଁ ସବୁ ପ୍ରକାରର ଉଦ୍ୟମ ଚାଲିଛି। ବର୍ତ୍ତମାନ ପ୍ରାୟ ୪ ଲକ୍ଷରୁ ଅଧିକ ପରିବାରର ୬ ଲକ୍ଷ ପିଲାଙ୍କୁ ୧୭୩୫ଟି ସ୍କୁଲରେ ଶିକ୍ଷାଦାନ କରାଯାଉଛି। ସେମାନଙ୍କର ସଫଳ ଭବିଷ୍ୟତକୁ ଦୃଷ୍ଟିରେ ରଖି 'ଅନ୍ୱେଷା', 'ଆକାଂକ୍ଷା' ଭଳି ଅନେକ ପ୍ରକଳ୍ପ ଆରମ୍ଭ କରାଯାଇଛି। ବିଭିନ୍ନ ଦକ୍ଷତାମୂଳକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହି ଛାତ୍ରଛାତ୍ରୀମାନଙ୍କ ପାଇଁ ୫୮୩୪ଟି ହଷ୍ଟେଲର ବ୍ୟବସ୍ଥା ମଧ୍ୟ ହୋଇଛି। ଏଥିରୁ ପୁଣି ୧୮୮ଟି ସ୍କୁଲ ଓ ହଷ୍ଟେଲ କେବଳ ଝିଅମାନଙ୍କ ପାଇଁ। ସମସ୍ତଙ୍କ ସାମ୍ନାରେ ରହିଛନ୍ତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଭଳି ରୋଲ୍ ମଡେଲ୍।



ଆମର ସୌଭାଗ୍ୟ, ଏହି ସମସ୍ତ ସ୍କୁଲ ଏବଂ ସ୍କୁଲର ଛାତ୍ରଛାତ୍ରୀ 'ମୋ ସ୍କୁଲ ଅଭିଯାନ'ରେ ଅନ୍ତର୍ଭୁକ୍ତ। ଆମ ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତିଙ୍କ ପରବର୍ତ୍ତୀ ପିଢ଼ିକୁ ଆହୁରି ଆଗେଇ ଯିବା ପାଇଁ, ସେମାନଙ୍କ ଭିତରେ ଥିବା ପର୍ଯ୍ୟାପ୍ତ ସମ୍ଭାବନାକୁ ରୂପ ଦେବା ପାଇଁ ସମସ୍ତଙ୍କର ସହଯୋଗ ଓ ପ୍ରଯତ୍ନର ଏକାନ୍ତ ଆବଶ୍ୟକ ରହିଛି। କେହି ଯେମିତି ଅନ୍ଧକାର ଆଢୁଆଳରେ ରହି ନ ଯାଆନ୍ତି, କେହି ଜଣେ ଯେମିତି ପଛରେ ପଡ଼ି ନ ଯାଆନ୍ତି, ସେଥିପାଇଁ ଆମ ସମସ୍ତଙ୍କୁ ସତର୍କ ରହିବାକୁ ହେବ। ସତତ ଚେଷ୍ଟା କରିବାକୁ ହେବ।

**ଅଧ୍ୟକ୍ଷା, ମୋ ସ୍କୁଲ ଅଭିଯାନ**

# ମୋ ସ୍କୁଲ: ମୋ ସ୍ୱପ୍ନ, ମୋ ସମ୍ଭାବନା



ଡ. ହୃଷିକେଶ ମଲ୍ଲିକ
ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀ

ମୋର ଯାହା ଅନୁଭବ, ସ୍କୁଲ୍ ହେଉଛି ମୋ ଜୀବନର ପ୍ରଥମ ସ୍ମରଣୀୟ ସ୍ପନ୍ଦନ, ସ୍ୱପ୍ନ ଓ ସମ୍ଭାବନା- ଉଭୟ । ମୋ ସ୍କୁଲ କଥା ମନେ ପଡ଼ିଲେ ମୁଁ ଭାବ ବିହ୍ୱଳ ହୋଇପଡ଼େ । କୋଉଠୁ ଆରମ୍ଭ କରିବି ସେ କାହାଣୀ, କୋଉଠି ପୁଣି ସାରିବି ! ଖଡ଼ି ଧରିଲା ବେଳେ ଅଳ୍ପ କେତେ ବର୍ଷ (ବର୍ଷେ କି ଦୁଇ ବର୍ଷ) ଅବଧାନଙ୍କ ପାଖରେ ମୁଁ ପଢ଼ିଛି। ଜଗତସିଂହପୁରର ମାଟିବଂଶ ଅବଧାନ ଅଗଣି ଚରଣ ରାୟ ଥିଲେ ମୋ'ର ପ୍ରଥମ ଗୁରୁ । ସେତେବେଳେ ଗାଁ ଗଣ୍ଡାରେ ଛୁଆଁ ଅଛୁଆଁ ଭେଦଭାବ ଥିଲା। ହରିଜନ ପିଲାଏ ସ୍କୁଲ୍ ଘରର ଗୋଟିଏ ପଟେ ବସୁ ଥିଲେ ଓ ସବର୍ଣ୍ଣ ପିଲାଏ ଆଉ ଗୋଟେ ପଟେ। ଆମ ଗାଁ ଭଦ୍ରକ ଜିଲ୍ଲାର ବାଣିତିଆ, ସହରଠାରୁ ୧୧ କି.ମି. ଦୂର । ମୋ ଜାଣିବାରେ ଆମକୁ ଲଗାଇ ଗାଁର ତିନିପିଢ଼ି ଅଗଣା ମଷ୍ଟ୍ରଙ୍କ ପାଖରୁ ଅକ୍ଷର ଶିଖିଥିଲେ। କୁହାଯାଉଥିଲା- ଯାହା ଦେହରେ ଅଗଣା ମାଷ୍ଟ୍ରଙ୍କ ବେତ ବାଜିଛି, ସେ କେବେ କେଉଁଥିରେ ହାରିବ ନାହିଁ। ସୂର୍ଯ୍ୟୋଦୟ ପରେ ପାଠପଢ଼ା ଆରମ୍ଭ ହୋଇ ସୂର୍ଯ୍ୟାସ୍ତରେ ସରୁଥିଲା। ମଝିରେ ଖେଳଛୁଟି। ସୂର୍ଯ୍ୟାସ୍ତ ସମୟଟା ଆମ ପାଇଁ ସବୁଠୁ ଆନନ୍ଦଦାୟକ ଥିଲା । ମାଷ୍ଟ୍ରେ ଲୁଗା ପାଲଟି ଅସ୍ତଗାମୀ ସୂର୍ଯ୍ୟକୁ ପ୍ରଣାମ କରିବାକୁ ଗଲେ, ଆମେ ବୁଝୁ ଯେ ଏବେ ଚାଟଶାଳୀ ଛୁଟିହେବ।

ଚାଟଶାଳୀ ପରେ ଗାଁର କାହ୍ନୁଚରଣ ଉ.ପ୍ରା. ସ୍କୁଲରେ ମୋର ନାମଲେଖା ଓ ସେଇଠୁ ୧୯୬୮ରେ ମାଇନର ପାସ୍। ଦ୍ୱିତୀୟ କି ତୃତୀୟରେ ପଢୁଥାଏ, ଥରେ ସ୍କୁଲକୁ ଏସ୍.ଆଇ.(ସ୍କୁଲ୍ ଇନିସ୍‌ପେକ୍ଟର) ପରିଦର୍ଶନରେ ଆସିଥା'ନ୍ତି । ସେ ସମୟରେ ଇନିସ୍‌ପେକ୍ଟର ମାନଙ୍କର ନିୟମିତ ସ୍କୁଲ୍ ପରିଦର୍ଶନ ନିୟମ ଥାଏ। ଯେଉଁଦିନ ସେ ଆସିବେ, ତା' ଆଗ ଦିନରୁ ଆମକୁ ସ୍କୁଲରେ କୁହାଯାଇଥାଏ ନଖ କାଟି ଆସିବ, ସଫା ପ୍ୟାଣ୍ଟ୍ ଜାମା ପିନ୍ଧିବ । ପରିଦର୍ଶନ ଦିନ ଆଖପାଖ ସ୍କୁଲ୍‌ରୁ ଶିକ୍ଷକମାନେ ଆସିଥାନ୍ତି । ଗୋଟେ ଉତ୍ସବ ପରି ଲାଗୁଥାଏ ଦିନଟି । ଡର ଥାଏ ଇନିସ୍‌ପେକ୍ଟର କ'ଣ ପ୍ରଶ୍ନ ପଚାରିବେ, ଆମେ କହି ପାରିବୁ କି ନାହିଁ। ନ କହି ପାରିଲେ ଆମ ଅବସ୍ଥା କ'ଣ ହେବ- ଏହିପରି କେତେ ଚିନ୍ତା। ଏହିପରି ଏକ ଦିନରେ ମୋତେ ଆମ ସ୍କୁଲ୍‌ର ପ୍ରଧାନଶିକ୍ଷକ କହିଲେ- 'ହୃଷିକେଶ, ତମେ ଯାଅ ଚେୟାରମ୍ୟାନଙ୍କ ଘରୁ ଡିକ୍‌ସିନାରୀଟିଏ ନେଇ ଆସିବ।' ସତ କହିଲେ, ମୁଁ ସେତବେଳକୁ ଡିକ୍‌ସିନାରୀ କ'ଣ ଜାଣିନଥିଲି। ଦଉଡ଼ି ଦଉଡ଼ି ଯାଇ ଚେୟାରମ୍ୟାନ୍‌ଙ୍କ ଘରୁ ଗୋଟେ ସିଲ୍‌ଭର ଡେକ୍‌ଚି ଧରି ପହଞ୍ଚିଗଲି। ସାର୍ ଦେଖି କହିଲେ, ଯେଟା କ'ଣ, ଡିକ୍‌ସିନାରୀ କାଇଁ? ମୁଁ ଖୁବ୍ ଦୃଢ଼ତାର ସହ କହିଲି- ସାର୍, ଏଇ ଡେକ୍‌ଚିଟା ତା'ଙ୍କ ଘରେ ଦେଲେ। ସେ ମୋ' କାନକୁ ଧରି କହିଲେ, ହଇରେ ବୋକା, ମୁଁ ତୋତେ ଡିକ୍‌ସିନାରୀ



ଆଣିବାକୁ ପଠାଇଲି। ଡିକ୍‌ସିନାରୀ ମାନେ 'ଅଭିଧାନ'। ତୁ ବୁଦ୍ଧୁ, ଡେକ୍‌ଚିଟିଏ ଧରି ଚାଲି ଆସିଲୁ। ଯା', ଫେରେଇ ଦେଇ ଅଭିଧାନ ଆଣିବୁ।

ସପ୍ତମ ବୋର୍ଡ ପରୀକ୍ଷା ପୂର୍ବରୁ କେଇମାସ, ଘର ସେଇ ଗାଁର ହୋଇଥିଲେ ବି ସ୍କୁଲରେ ରହିବାର ତାଗିଦ୍ ଯୋଗୁଁ ମୁଁ ଓ ମୋର ସାଙ୍ଗମାନେ ହଷ୍ଟେଲ୍‌ରେ ରହିଥାଉ। ଶୀତ ଦିନ ସ୍କୁଲ୍ ହତାରେ ଆମେ ସବୁ ମିଳିମିଶି ଆଳୁ, ପିଆଜ, ରସୁଣ, ଶାଗ, ଟମାଟୋ ଆଦି ପଟାଳି କରି ଲଗାଇଥାଉ । ପଟାଳି ଭାଗ ହେଇଥାଏ। ପଟାଳି ପଟାଳି ଭିତରେ ଉତ୍କର୍ଷକୁ ନେଇ ପ୍ରତିଯୋଗିତା ଚାଲେ। କାହା ପଟାଳି ସବୁଠୁଁ ଭଲ। ଶାରୀରିକ ଶ୍ରମ ଶିକ୍ଷାର ଏସବୁ ଥାଏ ଛୋଟ ଛୋଟ ଅବକାଶ। ବାଧ ବାଧକତା ନ ଥାଏ। ଆନନ୍ଦରେ, ସ୍ୱେଚ୍ଛାକୃତ ଭାବେ ଆମେ ପିଲାମାନେ ସ୍କୁଲ ବଗିଚାରେ ଫସଲ ଫଳାଉ। ତାହା ଆମ ମେସ୍‌ରେ ରୋଷେଇରେ ଲାଗେ । ଶିକ୍ଷକ ଶିକ୍ଷୟିତ୍ରୀମାନେ ଆମର ମା' ବାପା ପରି ଥିଲେ ।

ଶେଷକୁ ଆସିଲା ହାଇସ୍କୁଲ ପର୍ବ। ଗାଁଠୁ ୪ କି.ମି. ଦୂର ସ୍କୁଲ। ଦୁଇଟି ଗାଁ ଅନ୍ତରା ଓ ମହତୀପୁରର ଲୋକେ ମିଶି ସ୍କୁଲ୍ କରିଥଇବାରୁ ତା' ନାଁ ଥିଲା ଅନ୍ତରା-ମହତୀପୁର ସ୍କୁଲ୍। ସେଠି ସେଇ ମାଟି ଘର। ମୁଁ ଥିଲି ସ୍କୁଲର ଦ୍ୱିତୀୟ ବ୍ୟାଚ୍ । ଗୋଟେ ଓଳି ପାଠପଢ଼ୁ। ଆଉ ଗୋଟେ ଓଳି କାନ୍ଥ ତିଆରି ପାଇଁ କାନ୍ଥୁଆଳ ପାଖକୁ ଚକଟା ମାଟି ବୋହୁ। ମାଇନର ସ୍କୁଲରୁ ଗପ ଶୁଣି, ସ୍ୱାଧୀନତା ଦିବସରେ ଦେଉଥିବା ପ୍ରଭାତ ଫେରି ଗୀତ, ବନ୍ଦେ ମାତରମ୍- ଗାନ ମନରେ ସୃଜନର ବୀଜ ବୁଣି ସାରିଥାଏ। ଗାଁରୁ ଏକ ବିଲ ବାଟ ଦେଇ ସ୍କୁଲ ଗଲାବେଳେ ମୁଁ ଧାନବିଲକୁ ଦେଖି ଆଶୁ କବି ହୋଇଯାଏ। ମନ ଭିତରକୁ ଗୀତ ଫାନ୍ଦିବାର ଖିଆଲ୍ ଆସିଯାଏ । ଗୋଟିଏ ଗୀତ ମୁଁ ଭାବିଥାଏଁ- ଯାହାର ପ୍ରଥମ ଧାଡ଼ିଟି ଥିଲା ଏହିପରି: 'ବରଷକେ ଥରେ ଦୁଆରେ ଦୁଆରେ ଆସିଛି ଅଗଷ୍ଟ ପନ୍ଦର । ପୁଲକ ଜଣାଇ ପରାଣେ ପରାଣେ ଲଗେଇଛି କେତେ ସୁନ୍ଦର।' ଧାଡ଼ି ଦୁଇଟି ପାଖପାଖି ଏଇଟା ଥିଲା। ହାଇସ୍କୁଲରେ ବାର୍ଷିକ ଡ୍ରାମା ହୁଏ । ମୁଁ ଲାଜକୁଳା ଥିବାରୁ ମୋତେ ଅତି ଛୋଟ ପାର୍ଟଟିଏ ମିଳେ ଏବଂ ତାକୁ ମୁଁ ପାରୁପର୍ଯ୍ୟନ୍ତ ସଫଳ କରିବାକୁ ଚେଷ୍ଟାକରେ। ରାମଚନ୍ଦ୍ର ମିଶ୍ର, କାଳୀଚରଣ ପଟ୍ଟନାୟକଙ୍କ ନାଟକ ସବୁ ଅଭିନୀତ ହୁଏ। ଆମ ହାଇସ୍କୁଲର ନାରାୟଣ ଚକ୍ର ଧଳ ଥା'ନ୍ତି ସାହିତ୍ୟ ଶିକ୍ଷକ । ସେ ପେଟରା ମୁଣ୍ଡାଇ ପତ୍ରପତ୍ରିକା ବିକିବାକୁ ଆସୁଥିବା ବହି ଫେରିବାଲାଠୁ ଝଙ୍କାର, ଜୀବନରଙ୍ଗ, ଆସନ୍ତାକାଲି ଆଦି କିଣନ୍ତି । ସେ ନ ଥିବା ବେଳେ ଲୁଚେଇ ଲୁଚେଇ ମୁଁ ସେ ସବୁ ଆଣି ପଢ଼ିଦିଏ। ଏଇ ପଢ଼ାରୁ ଗପ ଲେଖିବାକୁ ମନ ବଳିଲା। ଜହ୍ନରାତି ଓ ବଉଳ ଗଛକୁ ନେଇ ଗପଟିଏ ଲେଖିଥିଲି। ପରେ ପ୍ରକାଶ ପାଇଥିଲା ।



ଘରର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ସ୍କୁଲ ଯିବା ସହିତ ମୋତେ ମୋ ବାପା ଭାଇଙ୍କ ସହ ବିଲକୁ ଯାଇ କ୍ଷେତ କାମରେ ସାହାଯ୍ୟ କରିବାକୁ ପଡ଼େ। ଧାନକଟା ସମୟ ଆସିଗଲେ ଘରେ ମୋତେ ସତର ଥର ପଚରାଯାଏ, ତମ ସ୍କୁଲର ଧାନକଟା ଛୁଟି କେବେ ହେବ? ଘରକାମ ସାଙ୍ଗକୁ ପଢ଼ାପଢ଼ିରେ ହେଳା ଯୋଗୁଁ ଅଷ୍ଟମଶ୍ରେଣୀ ପରୀକ୍ଷାରେ ଇତିହାସ ପରୀକ୍ଷା ଦିନ ମୁଁ କପିର ଆଶ୍ରୟ ନେବାକୁ ବାଧ ହୋଇଗଲି। ଆମ ଗଣିତ ସାର୍ ମୋର କପି ଧରିଲେ ଓ କହିଲେ, ତୁ ଇତିହାସରେ ବି କପି କରୁଛୁ। ଭାବିଥିଲି, ତୁ ଦିନେ ସ୍କୁଲ୍‌ର ନାଁ ରଖିବୁ, ଏବେ ଦେଖୁଛି- ତୁ ତିନି ପାଞ୍ଚିରୁ ଗଲୁଣି। ଏଇ କଥା ପଦକ ମୋତେ ସେଦିନ ଭାରି କାଟିଲା। ସ୍କୁଲରେ ମୋର ଅଙ୍କ ଓ ସାହିତ୍ୟ ପ୍ରିୟ ବିଷୟ ଥିଲା। ସ୍କୁଲ ଛୁଟି ହେଲେ ମୁଁ ଘରକୁ ଫେରିବା ବାଟରେ ଏକ ବେଲଗଛ ମୂଳେ ବସି ସ୍କୁଲ୍‌ରେ ଦିଆ ହେଇଥିବା ଅଙ୍କ କଷେ । ତା'ପରେ ଘରକୁ ଆସେ। ଅଙ୍କଟିଏ କଷିବା ସଫଳ ହେଲେ, ଯେଉଁ ଆନନ୍ଦ ମୋତେ ମିଳେ, ସେପରି ଆନନ୍ଦ ମୁଁ ଆଉ କୋଉଥିରୁ ପାଇନାହିଁ । ହଁ, ମୂଳକଥାକୁ ଫେରେ । ସାର୍‌ଙ୍କ 'ତିନି ପାଞ୍ଚିରୁ ଯିବା' କଥାଟା ମୋତେ ଅହରହ ଅଥୟ କଲା। ମୁଁ ଏଥର ଜିଗର ଲଗେଇ ପାଠ ପଢ଼ିଲି ଓ ମେଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କଲି। କହି ରଖେ ଯେ, ମୁଁ ହେଉଛି ମୋ ହାଇସ୍କୁଲର ପ୍ରଥମ, ଏକମାତ୍ର ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ଛାତ୍ର। ହାଇସ୍କୁଲ୍ ପରେ ମୁଁ ଭଦ୍ରକ କଲେଜକୁ ଗଲି ଓ ଧୀରେ ଧୀରେ ଲେଖକ ହେବାକୁ ଲାଗିଲି। ଅଙ୍କ ମୋତେ ଶିଖେଇଥିଲା ପରିମିତବୋଧ, ଯାହା କବିତା ଲେଖିବାରେ ମୋତେ ସାହାଯ୍ୟ କଲା। ମୁଁ ଆଜି କବି ଭାବେ ରାଜ୍ୟ ଓ ଦେଶରେ ପରିଚିତ। ବହୁ ବଡ଼ ପୁରସ୍କାର ମୋତେ ଗୌରବାନ୍ୱିତ କରିଛନ୍ତି। ବହୁ କାବ୍ୟଗ୍ରନ୍ଥ, ସମାଲୋଚନାଗ୍ରନ୍ଥ ଓ ଅନ୍ୟାନ୍ୟ ଗ୍ରନ୍ଥର ମୁଁ ନାଁକରା ଲେଖକ। କିନ୍ତୁ ମୋ ଲେଖକ ଜୀବନର ଚେର, ମୁଁ ମୋ ପଛରେ ଛାଡ଼ି ଆସିଥିବା ସ୍କୁଲରେ ପୋତା ଯାଇଛି। ସେଇ ସ୍କୁଲର ସ୍ମୃତିକୁ ସାଙ୍ଗରେ ନେଇ ମୁଁ ମଶାଣିକୁ ଯିବି।

ଆମ ରାଜ୍ୟ ସରକାରଙ୍କର ମୋ ସ୍କୁଲ ଅଭିଯାନ ଏକ ଅଭିନବ କାର୍ଯ୍ୟକ୍ରମ। ଆମ ଗାଁ ହାଇସ୍କୁଲ 'ମୋ ସ୍କୁଲ୍'ରେ ଅନ୍ତର୍ଭୁକ୍ତ ହୋଇଛି। ସୁସ୍ମିତା ବାଗଚୀ (ମୋ ସ୍କୁଲର ଅଧକ୍ଷା) ମୋର ଭଉଣୀ ତୁଲ୍ୟା । କାରଣ ତାଙ୍କ ମାଆ, ବାପାଙ୍କ ଦ୍ୱାରା ବହୁ ବର୍ଷ ଧରି ପ୍ରକାଶ ପାଇଥିବା 'ସୁଚରିତା'ର ଲେଖକ ବିଶେଷାଙ୍କର ସବୁ ସଂଖ୍ୟାରେ ମୋ କବିତା ପ୍ରକାଶ ପାଇଛି। ସୁସ୍ମିତା ଦେଶର ଜଣେ ବଡ଼ ଲେଖିକା। ତାଙ୍କ ପାଇଁ ରାଜ୍ୟ ତଥା ଦେଶ ଧନ୍ୟ। ମୋତେ ମୋ ସ୍କୁଲର ସ୍ମୃତି-ବୟାନ ପାଇଁ ସେ ମନେପକାଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ । ଏତିକି କହିଲି ସିନା, କେତେ କଥା ଯେ ରହିଗଲା, ଲେଖି ସାରିବା ପରେ ଦେଖିଲି, କହିପାରିନଥିବା ଅନୁଭୂତି ସବୁ ଦୂରରେ ମୁହଁ ବୁଲାଇ ଅଭିମାନରେ ଠିଆ ହୋଇଛନ୍ତି। ଆଉ କେବେ ଅବସର ଦେଖି କହିବି । ...




# ସ୍କୁଲ୍ କହୁଛି ସଫଳତାର କଥା

# କିଚେନ ଗାର୍ଡେନ ସାଜିଛି ଭିନ୍ନ ଆକର୍ଷଣ

**ବାଗୁଲି ଆଶ୍ରମ ବିଦ୍ୟାଳୟ, ମୟୂରଭଞ୍ଜ**



ଯୁଆଡ଼େ ଚାହିଁବ ଭଳିକି ଭଳି ତଟକା ସବୁଜ ପନିପରିବା । କେଉଁଠି ପୋଟଳ, ବାଇଗଣ ତ କେଉଁଠି ଫୁଲକୋବି ଆଉ କାଙ୍କଡ଼ । ତାହା ପୁଣି ବିନା କୌଣସି ରାସାୟନିକ ସାରର ବ୍ୟବହାରରେ । ସମ୍ପୂର୍ଣ୍ଣ ଜୈବିକ ଉପାୟରେ ପନିପରିବା ଚାଷ ହୋଇଛି । ଏହା ହେଉଛି ମୟୂରଭଞ୍ଜ ଜିଲ୍ଲାର ବାଗୁଲି ଆଶ୍ରମ ବିଦ୍ୟାଳୟର କଥା ।

ମୟୂରଭଞ୍ଜ ସଦରମହକୁମାର ୩୫ କିଲୋମିଟର ଦୂରରେ ଅବସ୍ଥିତ ବାଗୁଲି ଆଶ୍ରମ ବିଦ୍ୟାଳୟ । ବିଦ୍ୟାଳୟର କିଛି ଛାତ୍ରଛାତ୍ରୀ ପ୍ରତିଦିନ ଯିବା ଆସିବା କରୁଥିଲେ ମଧ୍ୟ ଅଧିକାଂଶ ଛାତ୍ରାବାସରେ ରହନ୍ତି । ସେମାନଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପୁରାତନ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଭିନ୍ନ ଉଦ୍ୟମ ଆରମ୍ଭ କରିଛନ୍ତି । ବିଦ୍ୟାଳୟ ପରିସରରେ ପରିତ୍ୟକ୍ତ ଥିବା ୪୦ ଡିସିମିଲି ଜାଗାକୁ ଉପଯୋଗ କରି ପନିପରିବା ବଗିଚାଟିଏ ଆରମ୍ଭ କରିଛନ୍ତି । କ୍ଷେତ ଚାରିପଟେ ବାଡ଼ ଦେଇ ଛାତ୍ରାବାସରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ କମ୍ପୋଷ୍ଟରେ ପରିଣତ କରି ସୃଷ୍ଟି ହୋଇଛି କିଚେନ ଗାର୍ଡେନ ବା ପନିପରିବା ବଗିଚା । ଏବେ ଛାତ୍ରାବାସ ପାଇଁ ଆଉ ପରିବା କିଣିବାକୁ ପଡୁନାହିଁ । ପିଲାମାନେ ସବୁଜ ପନିପରିବା ଖାଇପାରୁଛନ୍ତି ।






ବଗିଚାର ଯତ୍ନ ନେବା ସହ ନୂତନ ଚାରା ଉତ୍ପାଦନ ସମ୍ପର୍କରେ ମଧ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି । ୨୦୨୧ ମସିହାରେ 'ମୋ ସ୍କୁଲ ଅଭିଯାନ' ସହ ଯୋଡ଼ି ହୋଇଥିଲା ବାଗୁଲି ଆଶ୍ରମ ବିଦ୍ୟାଳୟ । ପୁରାତନ ଛାତ୍ରଛାତ୍ରୀ କେବଳ ବିଦ୍ୟାଳୟ ଭିତ୍ତିଭୂମି ସଜାଡ଼ିବାରେ ସୀମିତ ରହିନାହାନ୍ତି ବରଂ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାର ସୌନ୍ଦର୍ଯ୍ୟକରଣକୁ ଧ୍ୟାନ ଦେଇ ବୃକ୍ଷାରୋପଣ କରିଛନ୍ତି । ସାମୂହିକ ଉଦ୍ୟମରେ ସବୁଜ ସୁନ୍ଦର ପରିବେଶ ବିଦ୍ୟାଳୟକୁ ଦେଇଛି ଏକ ନୂଆରୂପ ।

ପିଲାମାନଙ୍କ ବୌଦ୍ଧିକ ସ୍ଥିତିରେ ବିକାଶ ପାଇଁ ମଧ୍ୟ ପୁରାତନ ଛାତ୍ରଛାତ୍ରୀମାନେ ଚେଷ୍ଟିତ ଅଛନ୍ତି । ନିୟମିତ ବ୍ୟବଧାନରେ ପିଲାମାନଙ୍କ କ୍ୟାରିୟର କାଉନସେଲିଂ କରିବା ସହିତ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ୟମ କରୁଛନ୍ତି ।

# ରାଜ୍ୟସ୍ତରୀୟ ଶ୍ରେଷ୍ଠ ସ୍କୁଲ୍ ପୁରସ୍କାର



## ସରକାରୀ ଉଚ୍ଚ ବିଦ୍ୟାଳୟ, ଭାରସିଂ



୨୦୧୭ ମସିହା l ଆଶ୍ରମ ବିଦ୍ୟାଳୟରୁ ଉନ୍ନୀତ ହୋଇ ଉଚ୍ଚ ବିଦ୍ୟାଳୟର ରୂପ ନେଲା ଭାରସିଂ ବିଦ୍ୟାଳୟ । ଏହା ମଧ୍ୟରେ ୫ ବର୍ଷ ପୂରିଛି । ଏହି ୫ ବର୍ଷରେ ଭାରସିଂ ଉଚ୍ଚ ବିଦ୍ୟାଳୟ ସାଉଁଟିଛି ଅନେକ ସଫଳତା । ଶିକ୍ଷାଠାରୁ କ୍ରୀଡ଼ା, ଭିତ୍ତିଭୂମିଠାରୁ ପରିବେଶ – ସବୁ କ୍ଷେତ୍ରରେ ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିଛି । ଆଉ ଏ ସଫଳତାର ସମସ୍ତ ଶ୍ରେୟ ଶିକ୍ଷକ, ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ପୁରାତନ ଛାତ୍ରଛାତ୍ରୀଙ୍କର । ସେମାନଙ୍କର ଏହି ସଫଳତାର ଯାତ୍ରା ଆଖପାଖ ଅଞ୍ଚଳର ଅନେକ ବିଦ୍ୟାଳୟକୁ ପ୍ରେରଣା ଯୋଗାଉଛି l

ଭାରସିଂ ଉଚ୍ଚ ବିଦ୍ୟାଳୟଟି ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ୍ ବାଗଶଳା ପଞ୍ଚାୟତରେ ଅବସ୍ଥିତ l ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ଏଠାରେ ବହୁ ଦିନରୁ ଆଶ୍ରମ ବିଦ୍ୟାଳୟ ଥିଲା l ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢ଼ା ଯାଉଥିଲା । ୨୦୧୭ ଏପ୍ରିଲ ୧ ତାରିଖ ସରକାର ଏହାକୁ ଉଚ୍ଚ ବିଦ୍ୟାଳୟର ମାନ୍ୟତା ଦେଇଥିଲେ l ରମେଶ ଚନ୍ଦ୍ର ଦାସଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦିଆଯାଇଥିଲା l ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ଶିକ୍ଷକ, ସ୍ଥାନୀୟ ଲୋକ ଓ ପୁରାତନ ଛାତ୍ରଛାତ୍ରୀଙ୍କ ନିଷ୍ଠା ବଳରେ ବିଦ୍ୟାଳୟଟି ସଫଳତାର ପାହାଚ ଚଢି ଚାଲିଛି l

୨୦୧୯ ମସିହାରେ ସ୍କୁଲର ପ୍ରଥମ ବ୍ୟାଚ୍ ଦଶମ ପରୀକ୍ଷା ଦେଇ ଶତ ପ୍ରତିଶତ ସଫଳତା ହାସଲ କରିଥିଲା । ପରବର୍ତ୍ତୀ ସମୟରେ ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ଥିବାବେଳେ ୨୦୨୦ରେ ୪ଜଣ ଛାତ୍ରଛାତ୍ରୀଙ୍କୁ ଉତ୍ତମ ପ୍ରଦର୍ଶନ କରିଥିବାରୁ ରାଜ୍ୟ ସ୍ତରରେ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପୁରସ୍କୃତ






କରାଯାଇଥିଲା । ୨୦୨୨ ମସିହାରେ ଭାରସିଂ ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ ହିସାବରେ ପୁରସ୍କୃତ ହୋଇଥିଲା l ସେହି ବର୍ଷ ଛାତ୍ରୀ ସେବିକା ଶିବର ଏ-୧ ଗ୍ରେଡ୍ ପାଇ ପୁରସ୍କୃତ ମଧ୍ୟ ହୋଇଥିଲେ l ଏ ସମସ୍ତ ସଫଳତା ପାଇଁ ତତ୍କାଳୀନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଦାସ ସମସ୍ତ ଶିକ୍ଷକ, କର୍ମଚାରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନକୁ ଶ୍ରେୟ ଦିଅନ୍ତି ।

ପୁରାତନ ଛାତ୍ର ଦାମୋଦର ପ୍ରଧାନ ଏବେ ଏହି ବିଦ୍ୟାଳୟର କର୍ମଚାରୀ । ତାଙ୍କର ଆନ୍ତରିକ ଉଦ୍ୟମରେ ବିଦ୍ୟାଳୟର ବାହ୍ୟ ପରିବେଶ ଅତ୍ୟନ୍ତ ସୁନ୍ଦର ହୋଇଉଠିଛି l ନିଜ ବିଦ୍ୟାଳୟକୁ ସବୁଜ-ସୁନ୍ଦର କରିବା ପାଇଁ ଶ୍ରୀ ପ୍ରଧାନ ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି l ନିଜ ପ୍ରଚେଷ୍ଟାରେ ସବୁଜ ବାଡ଼ ତିଆରି କରି ବିଭିନ୍ନ ରକମର ଫୁଲଗଛ ଲଗାଇଛନ୍ତି । ତା'ର ନିୟମିତ ଯତ୍ନ ନେଉଛନ୍ତି l ସେମାନଙ୍କ କାମରେ ଅନୁପ୍ରାଣିତ ହୋଇ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ମଧ ତୂଳୀରେ ରଙ୍ଗ ଧରି ବିଦ୍ୟାଳୟର କାନ୍ଥ, ପାଚେରୀକୁ ଆକର୍ଷଣୀୟ କରିଛନ୍ତି । ଫଳସ୍ୱରୂପ ଏବେ ଅନ୍ୟ ବିଦ୍ୟାଳୟଗୁଡ଼ିକ ମଧ୍ୟ ନିଜ ବିଦ୍ୟାଳୟକୁ ସମାନ ଭାବରେ ନବୀକରଣ କରିବାକୁ ଆଗ୍ରହ ପ୍ରକଶ କରୁଛନ୍ତି l

ଚଳିତ ବର୍ଷ ଏପ୍ରିଲ ମାସରେ ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟ ପରିସରରେ ତିନି ଜଣ ମହାପୁରୁଷ- ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଓ ଠକ୍କରବାପାଙ୍କର ପ୍ରତିମୂର୍ତ୍ତି ସ୍ଥାପନା ବିଦ୍ୟାଳୟ ପରିବେଶର ମାନ ବଢ଼ାଇ ଦେଇଛି l 'ମୋ ସ୍କୁଲ ଅଭିଯାନ'ରେ ସାମିଲ ହେବାପରେ ପୁରାତନ ଛାତ୍ରଛାତ୍ରୀଙ୍କ ସାମୂହିକ ଆନ୍ତରିକ ପ୍ରଚେଷ୍ଟା ହିଁ ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରିପାରିଛି ।

# ପୁରାତନ ଛାତ୍ରଛାତ୍ରୀ ଗଢ଼ିଛନ୍ତି ବିଦ୍ୟାଳୟ ଭିତ୍ତିଭୂମି



ଚୁହାପାଲି ସେବାଶ୍ରମ ବିଦ୍ୟାଳୟ, ବରଗଡ଼

ସ୍ୱାଧୀନତା ପରେ ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ବିକାଶ ଲକ୍ଷ୍ୟ ରଖି ଅଣ୍ଟା ଭିଡ଼ିଥିଲେ କିଛି ବୁଦ୍ଧିଜୀବୀ । ବହୁ ବାଧାବିଘ୍ନକୁ ସାମ୍ନା କରି ପାଣ୍ଠି ଯୋଗାଡ଼ କରିଥିଲେ । ନିଜ ବ୍ୟକ୍ତିଗତ ଜମିକୁ ବିଦ୍ୟାଳୟ ପାଇଁ ଦାନ ମଧ୍ୟ କରିଥିଲେ । ଆରମ୍ଭ ହୋଇଥିଲା ଏକ ସୁନ୍ଦର ସ୍ୱପ୍ନର ବିଦ୍ୟାଳୟ । ଆମେ କହୁଛେ, ବରଗଡ ଜିଲ୍ଲା ପାଇକମାଳ ବ୍ଲକ୍ ଚୁହାପାଲି ଗାଁର ଚୁହାପାଲି ସେବାଶ୍ରମ ବିଦ୍ୟାଳୟ କଥା ।

ଗାଁରେ ଶିକ୍ଷାନୁଷ୍ଠାନଟିଏ କରି ପିଲାମାନଙ୍କୁ ଶିକ୍ଷିତ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସମସ୍ତେ ଯେମିତି ପଣ କରିଥିଲେ। ଗାଁ ମୁଖିଆ ବଳରାମ ସରିଆଁ ବିଦ୍ୟାଳୟ ନିର୍ମାଣର ମୁଖ୍ୟ ଭୂମିକା ଲିଭାଇଥିଲେ ।







ଦିନରାତି ଏକ କରି ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କ ସୁନେଲୀ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖିଥିଲେ । ଅନ୍ୟଜଣେ ବରିଷ୍ଠ ବ୍ୟକ୍ତି ମାଝି ବଛା ଜମି ଦାନ କରିଥିଲେ । ଜଙ୍ଗଲରୁ ବଳଦ ଗାଡ଼ିରେ ବଡ଼ ବଡ଼ ଗଛ ଆଣିବାଠାରୁ ଆରମ୍ଭ କରି ଚାନ୍ଦାକରି ସ୍କୁଲ ଘର ମାଟି ଛପର କରିବା ଯାଏଁ ସବୁ କାମର ଦାୟିତ୍ୱ ନେଇଥିଲେ ଗ୍ରାମବାସୀ । ପରିଶେଷରେ ୧୯୪୯ ମସିହାରେ ପ୍ରତିଷ୍ଠା ହେଲା ଚୁହାପାଲି ଆଶ୍ରମ ବିଦ୍ୟାଳୟ ।

ବିଦ୍ୟାଳୟ ନିର୍ମାଣ କରିଥିବା ସେହି ମହାନ ବ୍ୟକ୍ତିମାନେ ଆଜି ନାହାନ୍ତି, କିନ୍ତୁ ସେମିତି ମୁଣ୍ଡ ଟେକି ରହିଛି ଚୁହାପାଲି ଆଶ୍ରମ ବିଦ୍ୟାଳୟ। ପୂରା କରୁଛି ସେମାନଙ୍କର ସ୍ୱପ୍ନ । ସେହି ବିଦ୍ୟାଳୟରେ ଅଧ୍ୟୟନ କରି ଅଞ୍ଚଳର ଅନେକ ଛାତ୍ରଛାତ୍ରୀ ଆଜି ଉଚ୍ଚ ପଦବୀରେ ଅବସ୍ଥାପିତ। ଉଚ୍ଚ ପଦବୀରେ ରହି ବି ସେମାନେ ଭୁଲିନାହାନ୍ତି ନିଜ ବିଦ୍ୟାଳୟକୁ । ୨୦୨୧ ମସିହାରେ ରାଜ୍ୟ ସରକାରଙ୍କ ‘ମୋ ସ୍କୁଲ ଅଭିଯାନ’ ସହ ଯୋଡ଼ିହୋଇ ନିଜ ସ୍କୁଲର ବିକାଶଧାରାକୁ ଆଉ ପାଦେ ଆଗେଇ ନେବା ପାଇଁ ମନ ବଳାଇଛନ୍ତି ପୁରାତନ ଛାତ୍ରଛାତ୍ରୀ ।

ସେମାନେ ମିଳିମିଶି ‘ମୋ ସ୍କୁଲ’ ଜରିଆରେ ଏକ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୨ଲକ୍ଷ ଟଙ୍କାରେ ବିଦ୍ୟାଳୟ ପାଚେରୀ, ଗେଟ୍, ମଧ୍ୟାହ୍ନ ଭୋଜନ ପାଇଁ ସ୍ଥାୟୀ ରୋଷେଇ ଗୃହ ନିର୍ମାଣ କରିଥିଲେ । ଏହାସହ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା, ବିଦ୍ୟାଳୟ ପରିସର ପରିଷ୍କାର, ପିଲାମାନଙ୍କ ପାଇଁ କ୍ରୀଡ଼ା ଉପକରଣ ଯୋଗାଇ ଦେଇଥିଲେ। ପିଲାମାନଙ୍କ ମାନସିକ ଏବଂ ବୌଦ୍ଧିକ ଚେତନା ବିକାଶ ପାଇଁ ନିୟମିତ ପୁରାତନ ଛାତ୍ରଛାତ୍ରୀ ପ୍ରଚେଷ୍ଟା କରୁଛନ୍ତି । ବୃତ୍ତିଗତ ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଉଛନ୍ତି । ଏ ସମସ୍ତ ପ୍ରଚେଷ୍ଟା ଅନ୍ୟ ବିଦ୍ୟାଳୟ ପାଇଁ ପ୍ରେରଣା ପାଲଟିଛି ।


# ନୂତନ ପିଢ଼ିର ହାତ ଧରିବୁ, ଭବିଷ୍ୟତ ବାଟ ଦେଖାଇ ଦେବୁ




ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋଟେନଚୁଆଁ, ନୂଆପଡ଼ା

ନୂଆପଡ଼ା ଜିଲ୍ଲାର କୋଟେନଚୁଆଁ ଗାଁ । ଆଦିବାସୀ ଜନବହୁଳ ଏହି ଅନୁନ୍ନତ ଗାଁରେ ଶିକ୍ଷାର ଗୁରୁତ୍ୱ ଖୁବ୍ କମ୍ ଲୋକ ବୁଝନ୍ତି । ଆଉ ନାରୀ ଶିକ୍ଷାର କଥା ଆସିଲେ ଅନେକ ବିରୋଧ କରନ୍ତି । ଏହାରି ଭିତରେ ମୁଣ୍ଡ ଟେକିଥିଲା କୋଟେନଚୁଆଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ । ନୂଆପଡ଼ା ଜିଲ୍ଲାର ବାଳିକାମାନଙ୍କୁ ଶିକ୍ଷିତ ତଥା ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରତିଷ୍ଠା ହୋଇଥିଲା ଏହି ବିଦ୍ୟାଳୟ । ଏଠାରେ ପ୍ରଥମରୁ ଦଶମ ଶ୍ରେଣୀଯାଏ ରହିଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ପରିଚାଳିତ ହେଉଛି । 'ମୋ ସ୍କୁଲ ଅଭିଯାନ'ର ଅବଦାନ ଫଳରେ ଏବେ ପୂରା ବିଦ୍ୟାଳୟଟିର ଶୈକ୍ଷିକ ପରିବେଶ ବଦଳି ଯାଇଛି ।

ଆର୍ଥିକ ଅନଗ୍ରସର ପରିବାରର ପିଲାମାନେ ସ୍କୁଲ୍‌ରେ ରହି ପାଠ ପଢୁଛନ୍ତି । ଛାତ୍ରୀମାନଙ୍କ ଭଲ ପ୍ରଦର୍ଶନ ଫଳରେ ବିଦ୍ୟାଳୟକୁ ୨୦୧୯-୨୦୨୦ ଏବଂ ୨୦୨୦-୨୦୨୧ ମସିହାରେ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ମିଳିଥିଲା । ଏ ବାବଦକୁ ଦୁଇ ଲକ୍ଷ ଟଙ୍କା ପୁରସ୍କାର ରାଶି ମିଳିଥିଲା । ସମସ୍ତ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି, ପୁରାତନ ଛାତ୍ରୀମାନେ ମିଶି ସେହି



ଟଙ୍କାକୁ 'ମୋ ସ୍କୁଲ ଅଭିଯାନ'ରେ ଅବଦାନ ସ୍ୱରୂପ ଜମା କରିଥିଲେ । 'ମୋ ସ୍କୁଲ ଅଭିଯାନ' ଜରିଆରେ ରାଜ୍ୟ ସରକାରଙ୍କ ଦୁଇ ଗୁଣା ଆର୍ଥିକ ସହାୟତା ରାଶି ଅର୍ଥାତ୍ ୪ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ସମୁଦାୟ ୬ଲକ୍ଷ ଟଙ୍କା ବିନିଯୋଗରେ ବିଦ୍ୟାଳୟର ବ୍ୟାପକ ଉନ୍ନତି କରାଯାଇଛି ।

ସମସ୍ତ ଶ୍ରେଣୀଗୃହର ଚଟାଣରେ ଟାଇଲ୍ ଲଗାଯାଇଛି । ଶିକ୍ଷକମାନଙ୍କ ସାଧାରଣ ପ୍ରକୋଷ୍ଠ, ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ, ବିଦ୍ୟାଳୟ ବାରଣ୍ଡା ଓ ପାହାଚରେ ମଧ ଟାଇଲ୍ ଲଗାଯାଇଛି । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ବାରଣ୍ଡାରେ ୩ ଫୁଟ ଉଚ୍ଚ କାନ୍ଥ ସହ ଲୁହା ଜାଲି ଲଗାଇଛି । ସ୍କୁଲର ବିଭିନ୍ନ ଉତ୍ସବ ପାଳନ ପାଇଁ ଏକ ସାଂସ୍କୃତିକ ମଞ୍ଚ ମଧ୍ୟ ନିର୍ମାଣ କରାଯାଇଛି । ପ୍ରାର୍ଥନା ସଭା ପାଇଁ ମ୍ୟୁଜିକ୍ ସିଷ୍ଟମ୍‌ର ବ୍ୟବସ୍ଥା କରାଯାଇଛି । କାନ୍ଥରେ ମହାପୁରୁଷଙ୍କ ଫଟୋଚିତ୍ର ଅଙ୍କା ଯିବା ସହ ଅନେକ ନୀତିବାଣୀ ଲେଖାଇଛି । ଛାତ୍ରୀମାନଙ୍କର ସୃଜନଶୀଳତାର ବିକାଶ ପାଇଁ 'ସୃଜନୀ' ନାମକ ଏକ ପ୍ରାଚୀର ପତ୍ରିକା ପ୍ରସ୍ତୁତ କରାଯାଇଛି । ଏ ସମସ୍ତ କାର୍ଯ୍ୟର ସୁପରିଚାଳନା ଓ ତତ୍ତ୍ୱାବଧାନର ଦାୟିତ୍ୱ ପୁରାତନ ଛାତ୍ରୀ କମିଟିକୁ ଦିଆଯାଇଛି । ମୋ ସ୍କୁଲ ଅଭିଯାନ ଦ୍ୱାରା ହୋଇଥିବା ସମସ୍ତ କାର୍ଯ୍ୟ ଅଧ୍ୟୟନରତ ଛାତ୍ରୀମାନଙ୍କ ମନରେ ଏକ ଉଚ୍ଚ ମାନର ଶୈକ୍ଷିକ ପରିବେଶ ଗଢ଼ିବାରେ ସହାୟକ ହେଉଛି ।


ବଡ଼ ଭାଉଣୀମାନଙ୍କଠାରୁ ଅନୁପ୍ରାଣିତ ହୋଇ, ୨୦୨୧-୨୦୨୨ ଓ ୨୦୨୨-୨୦୨୩ ମସିହାରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀମାନେ ମଧ୍ୟ ବିଦ୍ୟାଳୟକୁ ନିଜ ସକ୍ଷମ ଅନୁଯାୟୀ ଆର୍ଥିକ ଅବଦାନ ଦେଇଛନ୍ତି । ୪୩ ହଜାର ୮ ଶହ ଟଙ୍କା ଜମା ଦେଇ ନିଜ ବିଦ୍ୟାଳୟର ଆହୁରି ଉନ୍ନତି ପାଇଁ କାମନା କରିଛନ୍ତି । ପରବର୍ତ୍ତୀ ସମୟରେ ଶିକ୍ଷଣ ପାଇଁ ଆବଶ୍ୟକ ଅନ୍ୟାନ୍ୟ ସୁବିଧା ସୁଯୋଗ କରିବାର ଯୋଜନା ରଖାଯାଇଥିବା ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି ।

# ସ୍କୁଲର ମାର୍ଗଦର୍ଶକ ସାଜିଛନ୍ତି ପୁରାତନ ଛାତ୍ରଛାତ୍ରୀ

ସମ୍ବଲପୁର ସଦରମହକୁମାଠାରୁ ପାଖାପାଖି ୫୦ କିଲୋମିଟର ଦୂରରେ ଅବସ୍ଥିତ ଶଣ୍ଢପଥ ଆଶ୍ରମ ବିଦ୍ୟାଳୟ । ଶଣ୍ଢପଥ ଗାଁର ସବୁଜ ସୌନ୍ଦର୍ଯ୍ୟ ପରିବେଶ ମଧ୍ୟରେ ଥିବା ବିଦ୍ୟାଳୟଟି ସବୁବେଳେ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ରହିଆସିଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୬୩ ଛାତ୍ର ଓ ୧୪୩ ଛାତ୍ରୀ ଏଠାରେ ପାଠ ପଢୁଛନ୍ତି । ସ୍ୱାଧୀନତା ପରେ ଅର୍ଥାତ୍ ୧୯୫୬ ମସିହାରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିଲା ଏହି ବିଦ୍ୟାଳୟ । ଏହା ଅନୁସୂଚିତ ଜନଜାତି ଏବଂ ଜାତି ଉନ୍ନୟନ ବିଭାଗ ଅଧୀନରେ କାର୍ଯ୍ୟକରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଏକ ଆଦର୍ଶ ବିଦ୍ୟାଳୟର ଉଦାହରଣ ସୃଷ୍ଟି କରିଛି । ଦୂରଦୂରାନ୍ତରରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ପରିସରରେ ୪ଟି ଛାତ୍ରାବାସ ରହିଛି ।

ବିଦ୍ୟାଳୟଟି ଗଢ଼ିତୋଳିଛି ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ । ଯେଉଁମାନେ ଦିନେ ଏଠାରେ ପାଠ ପଢ଼ିଥିଲେ, ସେମାନେ ଆଜି ଫେରି ଆସିଛନ୍ତି ନିଜ ପିଲାଦିନର ଶିକ୍ଷାନୁଷ୍ଠାନକୁ । ନୂତନ ପିଢ଼ିର ଛାତ୍ରଛାତ୍ରୀଙ୍କ ହାତ ଧରି ଭବିଷ୍ୟତର ବାଟ ଦେଖେଇବାର ନେତୃତ୍ୱ ନେଇଛନ୍ତି ସେଇ ପୁରାତନ ଛାତ୍ରଛାତ୍ରୀ । ସେମାନଙ୍କର ଏହି ସ୍ୱାଗତଯୋଗ୍ୟ ପଦକ୍ଷେପକୁ ଆଉ ପାଦେ ଆଗକୁ ନେବା ପାଇଁ ସହଯୋଗର ହାତ ବଢ଼େଇଛି ‘ମୋ ସ୍କୁଲ’ ଅଭିଯାନ ।

ରାଜ୍ୟ ସରକାରଙ୍କ ଅଭିନବ ପଦକ୍ଷେପ ‘ମୋ ସ୍କୁଲ’ ଅଭିଯାନ ସହ ୨୦୨୧ ମସିହାରେ ଯୋଡ଼ି ହୋଇଥିଲା ଶଣ୍ଢପଥ ଆଶ୍ରମ ବିଦ୍ୟାଳୟ । ବିଦ୍ୟାଳୟର ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ‘ମୋ ସ୍କୁଲ’ ସେମାନଙ୍କ ମନରେ ସାହସ ଆଣିଦେଲା । ପୁରାତନ ଛାତ୍ରଛାତ୍ରୀମାନେ ମିଳିତ ସହଯୋଗରେ ପ୍ରଥମେ ୧ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କର ଦୁଇଗୁଣା ଆର୍ଥିକ ଅନୁଦାନକୁ ମିଶାଇ ମୋଟ ୩ଲକ୍ଷ ଟଙ୍କାରେ ବିଦ୍ୟାଳୟର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଯେଉଁଥିରେ ବିଦ୍ୟାଳୟର ମୁଖ୍ୟ ଫାଟକ ନିର୍ମାଣ ସହ ପରିସରକୁ କଂକ୍ରିଟକରଣ କରାଯାଇଛି ।



**ଶଣ୍ଢପଥ ଆଶ୍ରମ ବିଦ୍ୟାଳୟ, ସମ୍ବଲପୁର**

କେବଳ ଆର୍ଥିକ ସହଯୋଗ ନୁହେଁ ବରଂ ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ମନସ୍କ ହୋଇ ଶ୍ରମଦାନ ମଧ୍ୟ କରୁଛନ୍ତି । ସବୁ ସମୟରେ ବିଦ୍ୟାଳୟକୁ ସହଯୋଗ କରୁଛନ୍ତି । ବିଦ୍ୟାଳୟର କିପରି ଉନ୍ନତି ହେବ, ପିଲାମାନଙ୍କର କିପରି କୌଣସି ଅସୁବିଧା ରହିବ ନାହିଁ, ସେ ସମ୍ପର୍କରେ ପୁରାତନ ଛାତ୍ରଛାତ୍ରୀମାନେ ନିୟମିତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି । ମିଳିମିଶି ସମସ୍ୟା ସମାଧାନର ବାଟ ମଧ୍ୟ ବାହାର କରୁଛନ୍ତି । ପିଲାମାନଙ୍କର ଶୈକ୍ଷିକ ବିକାଶ ସହ ସୃଜନଶୀଳତା ବୃଦ୍ଧି ପାଇଁ କାଉନସେଲିଂ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ବିଦ୍ୟାଳୟରେ ପାଳନ ହେଉଥିବା ସମସ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ନେଉଛନ୍ତି । ‘ମୋ ସ୍କୁଲ ଅଭିଯାନ’ ମାଧ୍ୟମରେ ନିଜ ସ୍କୁଲ ସହିତ ଯୋଡ଼ିହୋଇ ନିଜକୁ ଗର୍ବିତ ମନେ କରୁଛନ୍ତି ।








# ସଫଳ ରୂପାୟନର ସୁନେଲୀ ଚିତ୍ର





**ଆଦର୍ଶ ଆଶ୍ରମ ବିଦ୍ୟାଳୟ, ଭାକୁରଗୁଡ଼ା**

ପିଲାଙ୍କ ଦକ୍ଷତା ବୃଦ୍ଧି ଲାଗି ଚାଲିଛି ଏଠି ଅନେକ ପ୍ରୟୋଗାତ୍ମକ କାର୍ଯ୍ୟ । ପିଲାଙ୍କୁ ପଢିବା ସହ ଗଢିବା ଓ ବଢିବା ଲାଗି ଯୋଗାଯାଇଛି ଉପଯୁକ୍ତ ପରିବେଶ ଓ ଅଫୁରନ୍ତ ସୁଯୋଗ । ସେଥିପାଇଁ ପିଲାଏ ପଢିବା ସହ କେତେବେଳେ ବିଚାରପତିର ଭୂମିକା ତୁଲାଇପାରନ୍ତି ତ କେତେବେଳେ ଓକିଲ ପୁଣି ଆଉ କେତେବେଳେ ସାମ୍ବାଦିକ । ନିଜ ଅର୍ଥର ସୁରକ୍ଷା ଲାଗି ପରିଚାଳନା କରୁଛନ୍ତି ଆମ ବ୍ୟାଙ୍କ । ଆଉ ବ୍ୟାଙ୍କ ମ୍ୟାନେଜର ଭୂମିକା ତୁଲାଇ ସଂଚୟ ଓ ଅର୍ଥ ପ୍ରଦାନର ପ୍ରତ୍ୟକ୍ଷ ଅନୁଭୂତିକୁ ଆହରଣ କରୁଛନ୍ତି ପିଲା । ଶିକ୍ଷା ଅଧ୍ୟୟନ ସହ ଅଭିନୟ, ତଥ୍ୟ ସଂଗ୍ରହ, ହସ୍ତକଳା, ଯୋଗ, ସ୍ୱାବଲମ୍ବୀ ହେବାଲାଗି ଅହରହ ଶିଖୁଛନ୍ତି କଳା ଓ କୌଶଳ । ପୂର୍ଣ୍ଣାଙ୍ଗ ମଣିଷଟିଏ ପରି ଗଢିବା ପାଇଁ ସମସ୍ତ ଆବଶ୍ୟକୀୟ ଶିକ୍ଷା ଯୋଗାଇବାରେ ସକ୍ଷମ ହୋଇପାରିଥିବା ଏକ ନିଆରା ଅନୁଷ୍ଠାନ ହେଉଛି ରାୟଗଡା ଜିଲ୍ଲା ଭାକୁରଗୁଡା ଆଶ୍ରମ ବିଦ୍ୟାଳୟ ।

୧୯୫୪ ମସିହାରେ ନନ୍ଦପୁରର ତ୍ରିନାଥ ଭୁତାଲ ନାମକ ଜଣେ ଶିକ୍ଷକଙ୍କ ଦ୍ୱାରା ଭାକୁରଗୁଡ଼ାରେ ଆରମ୍ଭ ହୋଇଥିଲା ଏଇ ବିଦ୍ୟାଳୟ । ଗ୍ରାମର ହିମିରିକା ଡାଲସିଂଙ୍କ ପିଣ୍ଡାରେ ଆରମ୍ଭ ହୋଇଥିଲା ଶିକ୍ଷାଦାନ ପ୍ରକ୍ରିୟା । ପରେ ଗ୍ରାମବାସୀଙ୍କ ଦ୍ୱାରା ଗ୍ରାମ ମଝିରେ ତିଆରି କଲେ ନଡାଛପରର ବିଦ୍ୟାଳୟ ଗୃହ ଏବଂ ଶିକ୍ଷକଙ୍କୁ ଆବାସସ୍ଥଳୀ । କିନ୍ତୁ ବର୍ଷାରେ ପ୍ରବଳ ପାଣି ଆସି ଏଇ ବିଦ୍ୟାଳୟର ଘରକୁ ନଷ୍ଟ କରିଦେବାରୁ ପରବର୍ତ୍ତୀ ସମୟରେ ବର୍ତ୍ତମାନ ଠିଆ ହୋଇଥିବା ବିଦ୍ୟାଳୟ ସ୍ଥାନରେ ପୁଣି ଗ୍ରାମବାସୀ ନିର୍ମାଣ କଲେ ବିଦ୍ୟାଳୟ ଗୃହ । ‘ମୋ ସ୍କୁଲ’ ଯେଉଁ ଭିତ୍ତିକୁ ନେଇ ଆଧାରିତ, ବହୁ ପୂର୍ବରୁ ଭାକୁରଗୁଡ଼ା ଆଶ୍ରମ ବିଦ୍ୟାଳୟ ସେଇ ଭିତ୍ତିରେ ପ୍ରଚଳିତ । ଏହି ବିଦ୍ୟାଳୟରେ ୧୯୮୬ ମସିହାରେ ୪୦ ଆସନ ବିଶିଷ୍ଟ ଏକ ହଷ୍ଟେଲ ଆରମ୍ଭ ହେଲା । ପରବର୍ତ୍ତୀ ସମୟରେ ୨୦୦୦ ମସିହାରେ ୫୦ ଆସନ ବିଶିଷ୍ଟ ଏକ ବାଳିକା ହଷ୍ଟେଲ ଆରମ୍ଭ ହୋଇଥିଲା । ୨୦୦୭ ବେଳକୁ ଏହା ସେବାଶ୍ରମରୁ ଆଶ୍ରମକୁ ରୂପାନ୍ତରିତ ହେଲା ଏବଂ ଏହାର ଆସନ ସଂଖ୍ୟା ୨୮୦ରେ ପହଞ୍ଚିଥିଲା । ‘ମୋ ସ୍କୁଲ ଅଭିଯାନ’ ସହ ଯୋଡ଼ି ହୋବା ପରେ ସମସ୍ତ ପୁରାତନ ଛାତ୍ରଛାତ୍ରୀ ପୁଣି ଥରେ ନିଜ ଶିକ୍ଷାନୁଷ୍ଠାନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛନ୍ତି । ଏଠାରେ ଅଧ୍ୟୟନ କରି ବହୁ ଛାତ୍ରଛାତ୍ରୀ ବିଭିନ୍ନ ପଦପଦବୀରେ କର୍ମରତ । ଅନେକ ଅବସର ଗ୍ରହଣ କଲେଣି । ୨୦୨୨ମସିହାରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଦିଲ୍ଲୀଠାରେ କେନ୍ଦ୍ର ଜନଜାତି କଲ୍ୟାଣ ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପ୍ରଥମ ଆଦିବାସୀ ମହୋତ୍ସବ ବା ଟ୍ରାଇବାଲ କାର୍ନିଭାଲରେ ମାନନୀୟ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ନୃତ୍ୟ ପ୍ରଦର୍ଶନ କରି ଆମ ରାଜ୍ୟ ତଥା ଦେଶର ସମ୍ମାନ ବୃଦ୍ଧି କରିପାରିଛନ୍ତି ।

ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଦ୍ୟାଳୟରେ ହାଇ ମାସ ଲାଇଟ ସ୍ଥାପନ କରାଯାଇଛି । ଏଲଇଡି ବିଦ୍ୟୁତ ଆଲୁଅ ଯୋଗୁଁ କମ୍ ବିଦ୍ୟୁତ୍ ବ୍ୟୟରେ ଏଇ ବିଦ୍ୟାଳୟ ପରିସରକୁ ରାତ୍ରୀକାଳୀନ ଆଲୋକ ବ୍ୟବସ୍ଥା କରାଯାଇପାରିଛି । ଏଥିସହ ଏଇ ଲାଇଟ୍ ପୋଷ୍ଟଗୁଡିକ ବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟ ବୃଦ୍ଧିରେ ବେଶ ସହାୟକ ହୋଇପାରିଛି । ବିଦ୍ୟାଳୟ ପରିସରକୁ କାଦୁଅ ମୁକ୍ତ ସହ ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଫେବର ବ୍ଲକ ଦ୍ୱାରା ସୁନ୍ଦର ରାସ୍ତା ନିର୍ମାଣ କରାଯାଇଛି । ଫଳରେ ବିଦ୍ୟାଳୟର ସୌନ୍ଦର୍ଯ୍ୟ ବୃଦ୍ଧିରେ ବେଶ ସହାୟକ ହୋଇପାରିଛି ।

ଆବାସିକ ବିଦ୍ୟାଳୟଗୁଡିକରେ ସଂଖ୍ୟାଧିକ ଅନ୍ତେବାସୀ / ଅନ୍ତେବାସିନୀଙ୍କ ଖାଇବା ଏକ ପ୍ରମୁଖ ସମସ୍ୟା । ବିଶେଷକରି ବର୍ଷା ଦିନରେ ବାହାରେ ମୁକ୍ତ ଆକାଶ ତଳେ ଖାଇବା କଷ୍ଟକର ବ୍ୟାପାର । ଏଦିଗରେ ସମାଧାନର ବାଟ ବାହାର କରିଛନ୍ତି ଏହି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ । ଉନ୍ନତ କୌଶଳରେ ସମସ୍ତ ସୁବିଧା ଉପଲବ୍ଧ ଥାଇ ସାମୁହିକ ଭୋଜନାଳୟ ସହ ୮ ଜଣ ବସିପାରୁଥିବା ଭଳି ୨୦ଟି ଡାଇନିଂ ଟେବୁଲ ମଧ୍ୟ ପ୍ରଦାନ କରିଛନ୍ତି । ଏକାଥରେ ୧୬୦ ପିଲା ଖାଇପାରୁଛନ୍ତି । ଏହା ପିଲାଙ୍କ ଖାଇବାରେ ସହାୟକ ସହ ବିଦ୍ୟାଳୟର ସାମୁହିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶେଷ ଉପେଯାଗୀ ହୋଇପାରିଛି ।





# ମୋ ସ୍କୁଲ୍ ଖବର

## ୧୧ତମ ମୋ ସ୍କୁଲ ପରିଚାଳନା ପରିଷଦ ବୈଠକ

# 'ମୋ ସ୍କୁଲ୍' ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷାକୁ ବ୍ୟାପକ କରାଯିବ: ସୁସ୍ମିତା ବାଗଚୀ



'ମୋ ସ୍କୁଲ୍'ର ୧୧ତମ ପରିଚାଳନା ପରିଷଦର ବୈଠକ ୨୦୨୩ ଜୁଲାଇ ୧୭ତାରିଖରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟରେ 'ମୋ ସ୍କୁଲ' ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା, ରାଜ୍ୟର ୫୧୯୫ ପ୍ରାଥମିକ ବିଦ୍ୟାଳୟର ଉନ୍ନତିକରଣ, ସବୁ ସ୍କୁଲ୍‌ରେ ବୃକ୍ଷରୋପଣ, ଗୁଣାତ୍ମକ ଶିକ୍ଷା ନେଇ ବିଭିନ୍ନ ଆଲୋଚନା ହୋଇଥିଲା । 'ମୋ ସ୍କୁଲ୍' ଅଭିଯାନର ଅଧକ୍ଷା ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ସଭାପତିତ୍ୱ କରି ସ୍କୁଲରେ ହେଉଥିବା ବିଭିନ୍ନ ପ୍ରକଳ୍ପର ସାମାଜିକ ସମୀକ୍ଷାକୁ ବ୍ୟାପକ କରିବା ପାଇଁ ଗୁରୁତ୍ୱ ଦେଇଥିଲେ । 'ମୋ ସ୍କୁଲ' ମାଧ୍ୟମରେ ଲୋକମାନେ ବିଦ୍ୟାଳୟର ଉନ୍ନତି କରିବାକୁ ଆଗେଇ ଆସିଛନ୍ତି । ନିରନ୍ତର ଭାବରେ ଶିକ୍ଷଣ ଓ ଭିତ୍ତିଭୂମିରେ ବିକାଶ କରାଯାଉଛି । ଏ ଦିଗରେ ସରକାର ସମୀକ୍ଷା କରୁଛନ୍ତି । ମାତ୍ର ସାମାଜିକ ସମୀକ୍ଷା ହେଲେ ଅଧିକ ସ୍ୱଚ୍ଛତା ଆସିବ ବୋଲି ଶ୍ରୀମତୀ ବାଗ୍‌ଚୀ ମତ ରଖିଥିଲେ ।

ଆମ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମିରେ ଉନ୍ନତି କରାଯିବ । ପ୍ରାଥମିକ ପର୍ଯ୍ୟାୟରେ ୫୧୯୫ ବିଦ୍ୟାଳୟକୁ ଉନ୍ନତିକରଣ କରାଯିବ । ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ, ବିଭିନ୍ନ ସିଏସ୍‌ଆର ଅନୁଦାନ ସମେତ ସରକାରଙ୍କ ଦୁଇ ଗୁଣା ଆର୍ଥିକ ସହାୟତାକୁ ମିଶାଇ ପ୍ରତି ବିଦ୍ୟାଳୟକୁ ୫ଲକ୍ଷ ଟଙ୍କା ଦିଆଯିବ । ଏହି ଅନୁଦାନ ଟଙ୍କାରେ ବିଦ୍ୟାଳୟର ଆବଶ୍ୟକ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯିବ । ପ୍ରାଥମିକ ଶିକ୍ଷା ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ପରିଷଦରେ ଆଲୋଚନା ହୋଇଥିଲା ।

ପ୍ରତ୍ୟେକ ସ୍କୁଲକୁ ସବୁଜ ସୁନ୍ଦର କରିବାକୁ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ମଧ ପରିଷଦ ଅନୁମୋଦନ କରିଥିଲା । ବିଭିନ୍ନ ଫଳ ଗଛ, ଫୁଲ, ଔଷଧୀୟ ବୃକ୍ଷ, ଅନ୍ୟ ବିଭିନ୍ନ ଉପାଦେୟ ଗଛ ଲଗାଯିବ । ଉଦ୍ୟାନ ବିଭାଗ ଓ ବନ ବିଭାଗର ମିଳିତ ସହଯୋଗରେ ପୁରାତନ ଛାତ୍ରଛାତ୍ରୀଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆଲୋଚନା କରାଯାଇଥିଲା । ଅଗଷ୍ଟ ୧୫ତାରିଖରୁ ସେପ୍ଟେମ୍ବର ୧୫ତାରିଖ ମଧ୍ୟରେ ଗଛ ଲଗାଯିବ । ତା'ର ରକ୍ଷଣାବେକ୍ଷଣ ପାଇଁ ଛାତ୍ରଛାତ୍ରୀଙ୍କୁ ନେଇ ଗଢାଯାଇଥିବା ବିଭିନ୍ନ ହାଉସ୍ (ଛାତ୍ର ଦଳ)କୁ ପ୍ରୋତ୍ସାହିତ କରାଯିବ ।

### ବୃକ୍ଷରୋପଣ କରି ବିଦ୍ୟାଳୟ ସହ ଯୋଡ଼ି ହେବେ ପୁରାତନ ଛାତ୍ରଛାତ୍ରୀ

ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଦେବା ସହ ଏହା ମାଧ୍ୟମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ ବିଦ୍ୟାଳୟ ସହ ଜଡ଼ିତ କରବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଉଦ୍ୟାନ ବିଭାଗ ଓ ବନ ବିଭାଗର ମିଳିତ ସହଯୋଗରେ ପୁରାତନ ଛାତ୍ରଛାତ୍ରୀଙ୍କ ସହାୟତାରେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଉଛି । ଅଗଷ୍ଟ ୧୫ତାରିଖରୁ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ ଗଛ ଲଗାଯିବ । ତା'ର ରକ୍ଷଣାବେକ୍ଷଣ ପାଇଁ ଛାତ୍ରଛାତ୍ରୀଙ୍କୁ ନେଇ ଗଢ଼ାଯାଇଥିବା ବିଭିନ୍ନ ହାଉସ୍(ଛାତ୍ର ଦଳ)କୁ ପ୍ରୋତ୍ସାହିତ କରାଯିବ । ଫଳ ଗଛ, ଫୁଲ ଗଛ, ଔଷଧୀୟ ବୃକ୍ଷ ଓ ଅନ୍ୟ ଉପାଦେୟ ଗଛ ଲଗାଯିବାର ବ୍ୟବସ୍ଥା କରାଯାଉଛି । ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ମିଶାଇ ମୋଟ ୫୪,୬୭୩ଟି ବିଦ୍ୟାଳୟରେ ସବୁଜ ପରିବେଶ ଗଠନ ଲକ୍ଷ୍ୟରେ ଏହି ବୃକ୍ଷରୋପଣ କରାଯିବ । ଏହାର ପରବର୍ତ୍ତୀ ସୁରକ୍ଷା ଓ ରକ୍ଷଣାବେକ୍ଷଣ ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ଥାନୀୟ ବାସିନ୍ଦାଙ୍କ ଦାୟିତ୍ୱରେ ରହିବ ।

## ୫ ହଜାରରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ନବୀକରଣ କରାଯିବ

‘ମୋ ସ୍କୁଲ’ ଅଧୀନରେ ଓଡ଼ିଶାର ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମିରେ ହେବ ଉନ୍ନତି । ପ୍ରାଥମିକ ପର୍ଯ୍ୟାୟରେ ୫୧୯୫ ବିଦ୍ୟାଳୟକୁ ଉନ୍ନତିକରଣ କରାଯିବ । ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ, ବିଭିନ୍ନ ସିଏସ୍ଆର ଅନୁଦାନ ସମେତ ସରକାରଙ୍କ ଦୁଇ ଗୁଣା ଆର୍ଥିକ ସହାୟତାକୁ ମିଶାଇ ପ୍ରତି ବିଦ୍ୟାଳୟକୁ ୫ଲକ୍ଷ ଟଙ୍କା ଦିଆଯିବ । ଏହି ଅନୁଦାନ ଟଙ୍କାରେ ବିଦ୍ୟାଳୟର ଆବଶ୍ୟକ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯିବ । ପ୍ରାଥମିକ ଶିକ୍ଷା ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରାଯିବ ।

# ସ୍କୁଲ୍ କ୍ଲବ୍ ପ୍ରଚଳନ ପାଇଁ ଶିକ୍ଷକ ପ୍ରଶିକ୍ଷକଙ୍କୁ ତାଲିମ

- କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ାଙ୍ଗନ କ୍ଲବ୍‌ର ରାଜ୍ୟସ୍ତରୀୟ ତାଲିମ
- ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ଜୀବନ କୌଶଳ ତାଲିମ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ପ୍ରଚଳନ ହେବାକୁ ଯାଉଛି । ସ୍କୁଲ୍ କ୍ଲବ୍‌ର ପରିଚାଳନା ପାଇଁ ଶିକ୍ଷକ ପ୍ରଶିକ୍ଷକମାନଙ୍କ ତାଲିମ କାର୍ଯ୍ୟକ୍ରମ ‘ମୋ ସ୍କୁଲ୍’ କାର୍ଯ୍ୟକାରୀ କରୁଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରୁ ୪ଜଣ ଲେଖାଏଁ ଶିକ୍ଷକ ଅର୍ଥାତ୍ ମୋଟ ୧୨୫୬ଜଣ ଶିକ୍ଷକ ପ୍ରଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଉଛି ।

ବିଭିନ୍ନ ଅନୁଷ୍ଠାନ ସହାୟତାରେ କ୍ରୀଡ଼ା ଆଧାରିତ ‘କ୍ରୀଡ଼ାଙ୍ଗନ’ କ୍ଲବ୍‌ର ଶିକ୍ଷକ ପ୍ରଶିକ୍ଷକମାନଙ୍କ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି । ସେହିପରି ପ୍ରଯୁକ୍ତିବିଦ୍ୟା ଆଧାରିତ ‘କୌଶଳୀ’ କ୍ଲବ୍, ସାହିତ୍ୟ ଓ ପୁସ୍ତକ ସମୀକ୍ଷା ଆଧାରିତ ‘ସାହିତ୍ୟ ସୃଜନୀ’ କ୍ଲବ୍ ଏବଂ ବିଜ୍ଞାନ ଆଧାରିତ ‘ଜିଜ୍ଞାସା’ କ୍ଲବ୍ ପାଇଁ ଶିକ୍ଷକ ପ୍ରଶିକ୍ଷକମାନଙ୍କ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

କ୍ରୀଡ଼ାଭିତ୍ତିକ କ୍ଲବ୍ ‘କ୍ରୀଡ଼ାଙ୍ଗନ କ୍ଲବ୍’ର କାର୍ଯ୍ୟକାରିତା ପାଇଁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ମୁଖ୍ୟ ପ୍ରଶିକ୍ଷକ ବା ମାଷ୍ଟର ଟ୍ରେନରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚଳିତ ବର୍ଷ ଜୁନ୍ ମାସ ୨୩ ତାରିଖରେ ଆରମ୍ଭ ହୋଇ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ଦିନରେ ରାଜ୍ୟର ୧୪ଟି ଜିଲ୍ଲାରୁ ୧୨୦ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ । ସମସ୍ୟା ସମାଧାନ, ଯୋଗାଯୋଗ, ସହାନୁଭୂତି, ବୁଝାମଣା ଓ ସଚେତନତା- ଏହି ୫ଟି ଜୀବନ କୌଶଳୀ ବିଷୟ ଉପରେ ‘କ୍ରୀଡ଼ାଙ୍ଗନ’ କ୍ଲବ୍‌ର ଶିକ୍ଷକ ପ୍ରଶିକ୍ଷକଙ୍କୁ ତାଲିମ ଦିଆଯାଇଛି । ରୂପାନ୍ତରିତ ବିଦ୍ୟାଳୟରେ ‘ଆକାଂକ୍ଷୀ ପାଠ୍ୟକ୍ରମ’ର ପ୍ରଚଳନ ପାଇଁ ଜାତୀୟସ୍ତରରେ କାର୍ଯ୍ୟ କରୁଥିବା ମ୍ୟାଜିକ୍ ବସ୍ ଫାଉଣ୍ଡେସନ୍ ଏହି ତାଲିମ କାର୍ଯ୍ୟକ୍ରମରେ ସହଯୋଗ କରିଛି ।







କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅନୁପମ ସାହା କହିଥିଲେ, ଶିକ୍ଷାର ବିକାଶ ପାଇଁ ଆମକୁ ମାନସିକ ଉନ୍ମୁକ୍ତ ହୋଇ ନୂତନତ୍ୱକୁ ଗ୍ରହଣ କରିବାକୁ ହେବ । ଶୈକ୍ଷିକ ବିକାଶ ପାଇଁ ଶାରୀରିକ ସୁସ୍ଥତା ସହ ଜୀବନ କୌଶଳୀ ଶିକ୍ଷା ମଧ୍ୟ ଅପରିହାର୍ଯ୍ୟ ବୋଲି ଶ୍ରୀ ସାହା ମତବ୍ୟକ୍ତ କରିଥିଲେ । ଏହା ଆମ ପିଲାମାନଙ୍କର ସର୍ବାଙ୍ଗୀନ ବିକାଶରେ ସହାୟକ ହେବା ସହ ସେମାନଙ୍କୁ ଦକ୍ଷ ଭାବରେ ଗଢ଼ି ତୋଳିବ ।

ସେହିପରି ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ଶାରୀରିକ ପ୍ରଶିକ୍ଷଣ ପ୍ରଦାନ କରାଯିବା ପାଇଁ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଚଳିତ ବର୍ଷ ଜୁନ୍ ମାସ ୨୩ ତାରିଖରେ ଆରମ୍ଭ ହୋଇ ଜୁନ୍ ୨୯ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ‘ମୋ ସ୍କୁଲ୍’ ଅଭିଯାନ ଓ ବ୍ରିଟିଶ୍ କାଉନସିଲ୍‌ର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ୪ଦିନିଆ ତାଲିମ କାର୍ଯ୍ୟକ୍ରମ ଶାରୀରିକ ଶିକ୍ଷା ସହ ବ୍ୟକ୍ତିଗତ, ସାମାଜିକ ଓ ଅର୍ଥନୈତିକ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବ । ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରି ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଏହା ଏକ ଉଦ୍ୟମ । ଏଥିରେ ବ୍ରିଟେନ୍‌ରୁ ଆସିଥିବା ଅଭିଜ୍ଞ ମୁଖ୍ୟ ପ୍ରଶିକ୍ଷକ ଆଦାମ ଲିଆ ମାର୍ଗଦର୍ଶନ ଦେଇଥିଲେ । ତାଙ୍କୁ ସହଯୋଗ କରିବା ପାଇଁ ଦିଲ୍ଲୀର ପ୍ରଶିକ୍ଷକ ଶ୍ୟାମ ଗୁଆଲି ଏବଂ ଗୋଆର ପ୍ରଶିକ୍ଷକ ଶେଖର କେଲକରଙ୍କ ସହ ଅନ୍ୟ ବରିଷ୍ଠ ପ୍ରଶିକ୍ଷକମାନେ ଉପସ୍ଥିତ ଥିଲେ ।



# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




- **ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ**
- **ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଯୋଗଦାନ**

ଶୈକ୍ଷିକ ବାତାବରଣ ସହ ଜଡ଼ିତ ସବୁ ବର୍ଗର ଲୋକଙ୍କୁ ପୁରସ୍କୃତ ତଥା ସମ୍ମାନିତ କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଅଭିନବ ପ୍ରୟାସ "ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର"। ଏହି ପୁରସ୍କାର କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନିମନ୍ତେ ୨୦୨୩ ମସିହା ଜୁଲାଇ ୪ତାରିଖ ଭୁବନେଶ୍ୱରସ୍ଥିତ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦଠାରେ ଦୁଇ ଦିନିଆ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ 'ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ'ର ଅଧକ୍ଷ ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

ମାଧ୍ୟମିକ ବିଦ୍ୟାଳୟ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ପୁରସ୍କାର, ପୁରାତନ ଛାତ୍ର ସଂସଦ ପୁରସ୍କାର, ଗ୍ରାମ ପଞ୍ଚାୟତ ପୁରସ୍କାର, ବିଦ୍ୟାଳୟ ପରିଚାଳନା କମିଟି ପୁରସ୍କାର, ଡିଆଇଇଟି ପୁରସ୍କାର, ସିଆରସିସି, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଆଦି ପୁରସ୍କାର ବର୍ଗରେ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ଉଲ୍ଲେଖନୀୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। କାର୍ଯ୍ୟକ୍ରମରେ ଶିକ୍ଷା ପୁରସ୍କାରର ସବିଶେଷ ବିବରଣୀ ଡିଆଇଇଟିର ଅଧକ୍ଷମାନଙ୍କୁ ପ୍ରଦାନ କରାଯାଇଥିଲା। ଏହାସହ ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ପୁରସ୍କାର ସମ୍ବନ୍ଧୀୟ ମୁଖ୍ୟ ପ୍ରଶିକ୍ଷଣ ପୁସ୍ତିକା ଓ ଅନ୍ୟାନ୍ୟ ମୁଦ୍ରଣ ସାମଗ୍ରୀ ଯୋଗାଇ ଦିଆଯାଥିଲା। ପରବର୍ତ୍ତୀ ସମୟରେ ଜିଲ୍ଲାସ୍ତରରେ ଆୟୋଜିତ ହେଉଥିବା କ୍ଲଷ୍ଟର ବୈଠକଗୁଡ଼ିକରେ ଡିଆଇଇଟି ଅଧକ୍ଷମାନେ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଓ ଅନ୍ୟ ଅଧିକାରୀମାନଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମ୍ବନ୍ଧରେ ଧାରଣା ପ୍ରଦାନ କରିବେ।

ପ୍ରଥମ ଥର ପାଇଁ ଆରମ୍ଭ ହେବାକୁ ଯାଉଥିବା ଶିକ୍ଷା ପୁରସ୍କାରର ଏହି ଦିଗ୍‌ଦର୍ଶନ କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଶ୍ରୀମତୀ ଅଶ୍ୱଥୀ ଏସ୍ ପୁରସ୍କାର ସମ୍ବନ୍ଧରେ ପ୍ରାରମ୍ଭିକ ଧାରଣା ପ୍ରଦାନ କରିଥିଲେ। ସେ କହିଥିଲେ, ଏହା ହିଁ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାର ପ୍ରକୃତ ବିସ୍ତାର। 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର'ର କାର୍ଯ୍ୟକାରିତା, ଏଫ୍ଏଲ୍ଏନ୍ ମଡେଲଗୁଡ଼ିକର ପ୍ରଚଳନ, ସିଆରସିସିମାନଙ୍କର ମାସିକ କ୍ଲଷ୍ଟର ବୈଠକ ଓ ଡିଆଇଇଟିର ତତ୍ତ୍ୱାବଧାନ ଭଳି ମୁଖ୍ୟତଃ ୪ଟି ବିଷୟ ଉପରେ ବିଭାଗୀୟ ସଚିବ ଶ୍ରୀମତୀ ଏସ୍ ଗୁରୁତ୍ୱ ଦେଇଥିଲେ । ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଶ୍ରୀ ମନୋଜ ପାଢ଼ୀ, 'ମୋ ସ୍କୁଲ୍'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମରଜିତ୍ ଜେନା, 'ମୋ ସ୍କୁଲ୍'ର ଭାରପ୍ରାପ୍ତ ଅଧିକାରୀ କାବେରୀ ମୁଦୁଲି ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।





# ଗଣିତ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ





ରୂପାନ୍ତରିତ ବିଦ୍ୟାଳୟର ଗଣିତ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ 'ମୋ ସ୍କୁଲ୍' ଏବଂ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ମିଳିତ ଉଦ୍ୟମରେ ଏକ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୨୩ ମସିହା ଜୁନ୍ ୬ ତାରିଖରେ ଆୟୋଜିତ ଏହି ୫ ଦିନିଆ ତାଲିମ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ୧୬ଟି ଜିଲ୍ଲାର ୬୩ଜଣ ଗଣିତ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ମାଧ୍ୟମରେ ବିଦ୍ୟାଳୟସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏହାର ପ୍ରମୁଖ ଲକ୍ଷ୍ୟ ଥିଲା। ସ୍କୁଲ ପାଠ୍ୟକ୍ରମରେ ଥିବା ଗଣିତ ଶିକ୍ଷାର ପ୍ରୟୋଗକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

## ୬ ଶିକ୍ଷାନବୀଶ ଆଇଏଏସ୍ ଅଧିକାରୀଙ୍କ 'ମୋ ସ୍କୁଲ୍' ପରିଦର୍ଶନ




ଓଡ଼ିଶା କ୍ୟାଡରର ୬ଜଣ ଶିକ୍ଷାନବୀଶ ଆଇଏଏସ୍ ଅଧିକାରୀ ଚଳିତ ବର୍ଷ ଜୁନ୍ ମାସ ୯ ତାରିଖ 'ମୋ ସ୍କୁଲ୍' କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେସନରେ ତାଲିମ ନେବାକୁ ଥିବା ଏହି ପ୍ରଶାସନିକ ଅଧିକାରୀ 'ମୋ ସ୍କୁଲ୍' କାର୍ଯ୍ୟାଳୟ ସମେତ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ କାର୍ଯ୍ୟାଳୟ ଓ ଚନ୍ଦ୍ରଶେଖରପୁରଠାରେ ଥିବା ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହି ଅବସରରେ 'ମୋ ସ୍କୁଲ୍' ଅଧୀନରେ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ସମ୍ବନ୍ଧରେ ସେମାନେ ଅବଗତ ହୋଇଥିଲେ । ଏହି ପରିପ୍ରେକ୍ଷୀରେ 'ମୋ ସ୍କୁଲ୍'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମରଜିତ୍ ଜେନା ଓ 'ମୋ ସ୍କୁଲ୍'ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ବିଷୟରେ ସେମାନଙ୍କୁ ସୂଚନା ଦେଇଥିଲେ।

୫-ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, 'ମୋ ସ୍କୁଲ୍' ଅଧୀନରେ ପୁରାତନ ଛାତ୍ରଛାତ୍ରୀଙ୍କ ଅବଦାନ, ସମଗ୍ର ଶିକ୍ଷା, ମଧ୍ୟାହ୍ନ ଭୋଜନ ଆଦି କାର୍ଯ୍ୟକ୍ରମର ବିସ୍ତୃତ ଧାରଣା ପ୍ରଦାନ କରାଯାଇଥିଲା। ୨୦୨୨ ବ୍ୟାଚ୍ ଓଡ଼ିଶା କ୍ୟାଡରର ଏହି ୬ଜଣ ପ୍ରଶାସନିକ ଅଧିକାରୀ ପରବର୍ତ୍ତୀ ସମୟରେ ଓଡ଼ିଶାର ବିଭିନ୍ନ ପ୍ରଶାସନିକ ପଦ ପଦବୀରେ ନିଯୁକ୍ତ ହୋଇ କାର୍ଯ୍ୟକରିବେ।

## ବାହାନଗା ସ୍କୁଲ୍‌ରେ 'ସ୍ନେହ ସୃଜନୀ'



ବାଲେଶ୍ୱର ବାହାନଗାଠାରେ ହୋଇଥିବା ଟ୍ରେନ୍ ଦୁର୍ଘଟଣା ସାରା ଭାରତବାସୀଙ୍କୁ ଦୋହଲାଇ ଦେଇଥିଲା । ସ୍ଥାନୀୟ ଲୋକମାନଙ୍କ ସାହାଯ୍ୟରେ ଶତାଧିକ ଲୋକଙ୍କର ଜୀବନ ସୁରକ୍ଷିତ ହୋଇପାରିଥିଲା । ସେହି ସମୟରେ ପ୍ରାଥମିକ ଭାବେ ମୃତାହାତଙ୍କୁ ସ୍ଥାନୀୟ ହାଇସ୍କୁଲ ପରିସରରେ ରଖାଯାଇଥିଲା । ଘଟଣାର କିଛି ଦିନ ପରେ ହାଇସ୍କୁଲର ଛାତ୍ରଛାତ୍ରୀମାନେ ବିଭିନ୍ନ ଆଶଙ୍କାରେ ବୁଡ଼ି ରହିଥିଲେ । ସେମାନଙ୍କୁ ମାନସିକ ଭାବେ ଦୃଢ଼ କରିବା ପାଇଁ 'ମୋ ସ୍କୁଲ' ପକ୍ଷରୁ ପରାମର୍ଶ ଓ ସହଯୋଗ କାର୍ଯ୍ୟକ୍ରମ 'ସ୍ନେହ ସୃଜନୀ' ଆୟୋଜିତ ହୋଇଥିଲା । ବାଲେଶ୍ୱର ଜିଲ୍ଲା ପ୍ରଶାସନ, ରିଲାଏନ୍ସ ଫାଉଣ୍ଡେସନ, ସ୍କୁଲ ପରିଚାଳନା କମିଟି ଏବଂ ବାହାନଗା ହାଇସ୍କୁଲ ପୁରାତନ କମିଟି ପକ୍ଷରୁ ମିଳିତ ଭାବେ ଏହା ଅନୁଷ୍ଠିତ ହୋଇଥିଲା । ମୋ ସ୍କୁଲ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ଏହାର ସୁପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ପ୍ରାଥମିକ ଉଦ୍ଦେଶ୍ୟ ଥିଲା- ଛାତ୍ରଛାତ୍ରୀଙ୍କୁ ମାନସିକ ଭାବେ ଲାଗିଥିବା ଆଘାତକୁ ଦୂର କରିବା ସହିତ ଏକ ସୁସ୍ଥ ଶୈକ୍ଷିକ ବାତାବରଣ ସୃଷ୍ଟି କରିଥିଲା।

# ଟାଟା ଗ୍ରୁପ୍ ସହ ମିଳିତ ଭାବରେ କାର୍ଯ୍ୟ କରିବ 'ମୋ ସ୍କୁଲ୍'




ଓଡ଼ିଶାରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ଶୈକ୍ଷିକ ବାତାବରଣ ବିକାଶ ପାଇଁ 'ମୋ ସ୍କୁଲ୍' ଓ ଟାଟା ଗ୍ରୁପ୍ ମିଳିତ ଭାବରେ କାର୍ଯ୍ୟ କରିବେ । ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ତଥା ଆକାଂକ୍ଷୀ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକରୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ୨୦୨୩ ମସିହା ମେ' ୧୮ ତାରିଖ 'ମୋ ସ୍କୁଲ୍' କାର୍ଯ୍ୟାଳୟରେ ଟାଟା ଗ୍ରୁପ୍ ଓ 'ମୋ ସ୍କୁଲ୍'ର ବରିଷ୍ଠ ଅଧିକାରୀମାନଙ୍କର ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ଟାଟା ଗ୍ରୁପ୍ ସହାୟତାରେ ରାଜ୍ୟରେ ଥିବା ଅନେକ ମାଧ୍ୟମିକ ଓ ପ୍ରାଥମିକ ସରକାରୀ ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ କରାଯାଇଛି । ବୈଠକରେ ଯୋଗଦେଇ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୌରଭ ରୟ କହିଥିଲେ, ଓଡ଼ିଶାର ଶିକ୍ଷା କ୍ଷେତ୍ରକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଟାଟା ଗ୍ରୁପର ଏକ ସ୍ୱତନ୍ତ୍ର ଟିମ୍ 'ମୋ ସ୍କୁଲ୍' ସହ କାର୍ଯ୍ୟ କରିବ । ସେ ଆହୁରି ମଧ୍ୟ କହିଛନ୍ତି, ଟାଟା ଗ୍ରୁପ୍ ସହ କାର୍ଯ୍ୟରତ ଅନେକ ଅଧିକାରୀ ସରକାରୀ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ହୋଇଥିବା ବେଳେ ସେମାନେ 'ମୋ ସ୍କୁଲ୍' ଅଭିଯାନ ସହ ଜଡ଼ିତ ଅଛନ୍ତି ।

ମିଳିତ ଉଦ୍ୟମରେ ବିଦ୍ୟାଳୟ ଭିତ୍ତିଭୂମିର ସୁରକ୍ଷାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ । ସ୍ୱତନ୍ତ୍ର ଭିତ୍ତିଭୂମି ସହ ଛାତ୍ରଛାତ୍ରୀମାନଙ୍କୁ ବିପର୍ଯ୍ୟୟ ପରିଚାଳନା ଦିଗରେ ଅଧିକ ଜ୍ଞାନ ପ୍ରଦାନ କରାଯିବ ବୋଲି ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ 'ମୋ ସ୍କୁଲ୍'ର ଭାରପ୍ରାପ୍ତ ଅଧିକାରୀ ଶ୍ରୀ ମଣିପ୍ରସାଦ ମିଶ୍ରଙ୍କ ସହ ଅନ୍ୟ ଅଧିକାରୀମାନେ କାର୍ଯ୍ୟକ୍ରମର ପ୍ରତ୍ୟେକ ଦିଗ ଉପରେ ଟାଟା ଗ୍ରୁପର ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ନୂତନ ଭାବରେ ପ୍ରଚଳିତ ହେବାକୁ ଯାଉଥିବା ସ୍କୁଲ୍ କ୍ଲବ୍ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।



# ଆପଣ 'ମୋ ସ୍କୁଲ୍' ସହିତ କେମିତି ସହଯୋଗ କରିପାରିବେ ?

- ହଷ୍ଟେଲ, ପାଠାଗାର, ବିଜ୍ଞାନାଗାର, ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଇଣ୍ଟରନେଟ୍, ଶ୍ରେଣୀଗୃହ, ଆସବାବପତ୍ର, ଶୌଚାଳୟ, ନିର୍ମଳ ପାନୀୟ ଜଳ, ପାଚିରି ନିର୍ମାଣ, ହ୍ୱିଲ ଚେୟାର ଇତ୍ୟାଦି ପାଇଁ ପାଣ୍ଠି ଦେଇପାରିବେ।
- ଶିକ୍ଷାଦାନ ପରିବେଶକୁ ମାନବିକ ଓ ପ୍ରଯୁକ୍ତିଗତ ଉଦ୍ୟମ ମାଧ୍ୟମରେ ଆହୁରି ଉନ୍ନତ କରିପାରିବେ।
- କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ କୋଚିଂ ସହାୟତା ପ୍ରଦାନ କରିପାରିବେ।
- ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା, ଡାକ୍ତର ଓ ପରାମର୍ଶଦାତାଙ୍କ ପରିଦର୍ଶନ ମାଧ୍ୟମରେ ବିଦ୍ୟାର୍ଥୀମାନଙ୍କ ଶାରୀରିକ ଓ ମାନସିକ ସୁସ୍ଥତା ନିଶ୍ଚିତ କରାଇପାରିବେ।
- ବିଶେଷଜ୍ଞ ଓ ସଂସ୍ଥାମାନଙ୍କ ସହାୟତା ନେଇ ବହୁମୁଖୀ ଶିକ୍ଷାଦାନ ବିଷୟବସ୍ତୁ ପ୍ରସ୍ତୁତ କରାଇ ପାରିବେ।
- ଅଭିନବ ତାଲିମ କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରି ଶିକ୍ଷକମାନଙ୍କୁ ଉତ୍ସାହିତ କରିପାରିବେ ଏବଂ ସେମାନଙ୍କ ଅନୁସ୍ଥିତିଜନିତ ସମସ୍ୟାର ସମାଧାନ କରିପାରିବେ।
- ଶିକ୍ଷଣୀୟ ଭ୍ରମଣ, ଆଦାନପ୍ରଦାନ କାର୍ଯ୍ୟକ୍ରମ, ଜାତୀୟସ୍ତରୀୟ କ୍ରୀଡ଼ା, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରୋତ୍ସାହିତ କରିପାରିବେ।
- ପିଲାମାନଙ୍କ ମଧ୍ୟରେ ନିଜ କାମ ନିଜେ କରି ସ୍ୱାବଲମ୍ବୀ ହେବା ସଂସ୍କୃତିର ପ୍ରସାର କରାଇପାରିବେ।
- ପ୍ରତି ସ୍କୁଲରେ ବଗିଚାଟିଏ ଆରମ୍ଭ କରିବା ପାଇଁ ଏବଂ ସେଠାରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ମିଶି ଗଛ ଲଗାଇବା ପାଇଁ ପ୍ରେରଣା ଦେଇପାରିବେ।

## କେତୋଟି ସାଧାରଣ ପ୍ରଶ୍ନ

**ମୁଁ କିପରି ଯୋଗଦାନ କରିବି ?**

ଏହି ଅଭିଯାନରେ ସହଯୋଗ କରିବା ପାଇଁ ପୁରାତନ ଛାତ୍ର ସଂସଦ ପଞ୍ଜୀକରଣ ହେବା ବାଧ୍ୟତାମୂଳକ ନୁହେଁ। ତେଣୁ ଜଣେ ପୁରାତନ ଛାତ୍ର ବା ଛାତ୍ରୀ ଚାହିଁଲେ ଏକକ ଭାବେ କିମ୍ବା ଏକାଧିକ ପୁରାତନ ଛାତ୍ରଛାତ୍ରୀ ଏକାଠି ହୋଇ 'ମୋ ସ୍କୁଲ୍' ଅଧୀନରେ ନିଜ ଇଚ୍ଛା ମୁତାବକ ଦାନ କରିପାରିବେ ଏବଂ ତାକୁ ନେଇ ଗୋଟିଏ ସ୍କୁଲ୍ ପ୍ରକଳ୍ପ ଆରମ୍ଭ କରିପାରିବେ।

**କିଭଳି ଅର୍ଥ ଦାନ କରିବି ?**

ଏହି ଅଭିଯାନରେ ନଗଦ ଅର୍ଥ ଦାନ କରି ହେବ ନାହିଁ। ଚେକ୍, ବ୍ୟାଙ୍କ ଟ୍ରାନ୍ସଫର ବା ପେମେଣ୍ଟ୍ ଗେଟୱେ ମାଧ୍ୟମରେ ଅନ୍‌ଲାଇନ୍‌ରେ ଦାନ କରିହେବ। ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ତରଫରୁ ମଧ୍ୟ ଦାନ ଦେଇପାରିବେ। ତେବେ ବିଦେଶୀ ମୁଦ୍ରା ଦାନ କରିପାରିବେ ନାହିଁ। ଆପଣଙ୍କ ଆର୍ଥିକ ଯୋଗଦାନ ସହିତ ରାଜ୍ୟ ସରକାରଙ୍କର ୨ଗୁଣ ଯୋଗଦାନ ରହିବ। ଉଦାହରଣ ସ୍ୱରୂପ, ଆପଣ ଯଦି ୧ ଲକ୍ଷ ଟଙ୍କା ଦିଅନ୍ତି, ତା'ହେଲେ ସରକାର ୨ ଲକ୍ଷ ଟଙ୍କା ଦେବେ। ଅର୍ଥାତ୍, ଆପଣଙ୍କ ଯୋଗଦାନ ବାସ୍ତବରେ ୩ ଲକ୍ଷ ଟଙ୍କା ହେବ।

**ମୋ ଆର୍ଥିକ ଯୋଗଦାନ ପାଇଁ ଟିକସ ରିହାତି ମିଳିବ କି ?**

ଦାନ ରାଶି ପାଇଁ 'ମୋ ସ୍କୁଲ୍' ଆପଣଙ୍କୁ ୮୦-ଜି ସାର୍ଟିଫିକେଟ୍ ଦେବ, ଯାହାଦ୍ୱାରା ଆପଣ ଆୟକର ସୁବିଧା ନେଇପାରିବେ।

**ମୁଁ ସାମଗ୍ରୀ ଆକାରରେ ଦାନ ଦେଇପାରିବି କି ?**

ହଁ। ଆପଣ ସାମଗ୍ରୀ ଆକାରରେ ମଧ୍ୟ ଦାନ ଦେଇପାରିବେ। କିନ୍ତୁ ସାମଗ୍ରୀ ଦାନ ପାଇଁ 'ମୋ ସ୍କୁଲ୍' ପକ୍ଷରୁ କୌଣସି ଅନୁଦାନ ଦିଆଯିବ ନାହିଁ। ତେବେ ବ୍ୟବହୃତ ହୋଇଥିବା ସାମଗ୍ରୀ ବିଦ୍ୟାଳୟକୁ ଦେବା ପାଇଁ 'ମୋ ସ୍କୁଲ୍' ନିରୁତ୍ସାହିତ କରିଥାଏ। ଆପଣ ଯାହା ଦାନ କରୁଛନ୍ତି ପରେ ପୁଣି ତାହାର ମାଲିକାନା ବା ବ୍ୟବହାର ଦାବି କରିପାରିବେ ନାହିଁ।

**ଅର୍ଥ ଦାନ ବ୍ୟତୀତ ବିଦ୍ୟାଳୟକୁ ମୁଁ କିଭଳି ସାହାଯ୍ୟ କରିପାରିବି ?**

ଆପଣ ଇଚ୍ଛା କଲେ ଜ୍ଞାନ ପ୍ରଦାନରେ ସାହାଯ୍ୟ କରିପାରିବେ। ଆପଣ ଗୋଟିଏ ବିଦ୍ୟାଳୟରେ ଜୈବ ବିବିଧତା ଉଦ୍ୟାନଟିଏ, ପନିପରିବା ବଗିଚାଟିଏ, ସ୍କୁଲ କ୍ୟାବିନେଟ୍ (ବାଳ ସଂସଦ)ଟିଏ, କିମ୍ବା ସାହିତ୍ୟ, ସିନେମା ବା ସନ୍ଧାନୀ କ୍ଲବଟିଏ ଗଠନ କରିପାରିବେ।

**କିପରି ଯୋଗାଯୋଗ କରିବି ?**

'ମୋ ସ୍କୁଲ୍' ଟିମ୍ ସହିତ reachout@moschool.in ଇମେଲ୍ ମାଧ୍ୟମରେ ଆପଣ ସିଧାସଳଖ ଯୋଗାଯୋଗ କରିପାରିବେ। ତା' ଛଡ଼ା ମୋ ସ୍କୁଲ୍ ଅଧିକାରୀଙ୍କ ସହିତ ଟେଲିଫୋନ କିମ୍ବା ଇ-ମେଲ୍ ମାଧ୍ୟମରେ ମଧ୍ୟ ଆପଣମାନେ ଯୋଗାଯୋଗ କରିପାରିବେ।

**ଯୋଗାଯୋଗ:**

ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ
ତୋଷାଳୀ ଭବନ, ଏ-୧ ବ୍ଲକ
୬ଷ୍ଠ ମହଲା, ସତ୍ୟ ନଗର
ଭୁବନେଶ୍ୱର - ୭୫୧୦୦୭ (ଓଡ଼ିଶା)
reachout@moschool.in

ଡ. ମଣି ପ୍ରସାଦ ମିଶ୍ର
ଭାରପ୍ରାପ୍ତ ଅଧିକାରୀ, ମୋ ସ୍କୁଲ୍
+୯୧ ୯୩୪୮୧୨୭୭୭୦
drmaniprasad@moschool.in

ଅମରଜିତ ଜେନା
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ମୋ ସ୍କୁଲ୍
+୯୧ ୯୯୩୭୦୮୨୩୪୯
amarjit@moschool.in